## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଧର୍ମେନ୍ଦ୍ର



@ ମାନସ



@ ପ୍ରଶାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସାମଗ୍ରିକ ବିକାଶ ଅପେକ୍ଷାରେ ବତିଘର ପଞ୍ଚାୟତ

- ଅଧିବାସୀଙ୍କ ମୌଳିକ ସୁବିଧା ପାଇଁ ବାଧକ ସେତୁ
- ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରୁଛି ରାସ୍ତା ସମସ୍ୟା
- ୨୦୧୬ରୁ ମିଳିଛି ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା

କେନ୍ଦ୍ରାପଡ଼ା, ୧୮।୮ (ଜଗନ୍ନାଥ ଧଳ)





ବତିଘର ଫଲ୍ସ ପଏଣ୍ଟ ।



ଖରିନାସୀଠାରେ ନଦୀରେ ପୋଲ ନ ଥିବାରୁ ଡଙ୍ଗାରେ ଲୋକେ ବିପଦସଂକୁଳ ଅବସ୍ଥାରେ ଯାତ୍ରା କରୁଛନ୍ତି ।

କେନ୍ଦ୍ରାପଡ଼ା ଜିଲା ସଦର ମହକୁମାର ୪୮ କି.ମି. ଦୂରରେ ମହାକାଳପଡ଼ା ବ୍ଲକ ବତିଘର ପଞ୍ଚାୟତ ଅବସ୍ଥିତ। ଏହି ପଞ୍ଚାୟତର ମାତ୍ର ୧୦ କି.ମି. ଦୂରରେ ଜଗତ୍‌ସିଂହପୁର ଜିଲାର ଶିଳ୍ପାଞ୍ଚଳ। ଗୋଟିଏ ପାର୍ଶ୍ୱରେ ପ୍ରାଚୁର୍ଯ୍ୟ ରହିଥିବା ବେଳେ ଏପଟେ ବତିଘର ପଞ୍ଚାୟତବାସୀ ସଦରମହକୁମାକୁ ବେଳ ଅବେଳରେ ଧାଇଁ ଯିବା ସମ୍ଭବ ନୁହେଁ। ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍‌ଠାରୁ ପାନୀୟ ଜଳ ପର୍ଯ୍ୟନ୍ତ ସମସ୍ୟାରେ ପଞ୍ଚାୟତର ପ୍ରାୟ ୫ ହଜାର ଅଧିବାସୀ ହନ୍ତସନ୍ତ ହେଉଛନ୍ତି। ୮ ଟି ରାଜସ୍ୱ ଗ୍ରାମକୁ ନେଇ ପଞ୍ଚାୟତ ଗଠନ ହୋଇଥିବା ବେଳେ ଏଠାରେ ଥିବା ବତିଘର ଓ ହୁକିଟୋଲାକୁ ୨୦୧୬ ମସିହାରେ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ମିଳିଛି। ଏସବୁ ସତ୍ତ୍ୱେ ସାମଗ୍ରିକ ବିକାଶରେ ବାଧକ ସାଜିଛି ଖରିନାସୀ ସେତୁ, ପ୍ରତି ଗ୍ରାମକୁ ରାସ୍ତା ଓ ବନାଞ୍ଚଳର ମାନ୍ୟତା। ଉଦ୍‌ବେଗର ବିଷୟ, ଏହି ପଞ୍ଚାୟତରେ ସାକ୍ଷରତା ହାର ମାତ୍ର ୬୬.୧୨ ପ୍ରତିଶତ। ପ୍ରାୟ ୭୫ ପ୍ରତିଶତ ସାକ୍ଷର ହୋଇଥିବା ବେଳେ ମାତ୍ର ୩୪ ପ୍ରତିଶତ ମହିଳା ପାଠ ପଢ଼ିବାକୁ ଆଗ୍ରହ ପ୍ରକାଶ କରିଥିବା ୨୦୧୧ ଜନଗଣନା ସୂଚନାରୁ ତଥ୍ୟ ମିଳିଛି। ଚାଷ ଓ ମାଛ ଏହି ଅଞ୍ଚଳବାସୀଙ୍କ ଜୀବିକା। ବତିଘର, ଫଲସ ପଏଣ୍ଟ, ହୁକିଟୋଲାକୁ ପର୍ଯ୍ୟଟନ ଭିତ୍ତିଭୂମି ଯୋଗାଗଲେ ଆର୍ଥିକ ବିକାଶ ହୋଇପାରିବ। ସେହିପରି ଶିଳ୍ପକୁ ଅପେକ୍ଷା କରିଥିବା ଯୁବବର୍ଗଙ୍କୁ ଉପଯୁକ୍ତ ତାଲିମ, ବ୍ୟାଙ୍କ ଋଣ ଆଦି ସହଯୋଗ ଆବଶ୍ୟକତା ଅଛି। ଜଗତ୍‌ସିଂହପୁର ଜିଲା ଶିଳ୍ପ ଦ୍ୱାରା ନଷ୍ଟ ହେଉଥିବା ପରିବେଶକୁ ସଜାଡିବା ସମ୍ପର୍କରେ ସ୍ଥାନୀୟ ଅଧିବାସୀ ଓ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ମହାକାଳପଡ଼ାର ଲକ୍ଷ୍ମୀକାନ୍ତ ସ୍ୱାଇଁ, ଜିଲା ଜନ ଅଧିକାର ଅଭିଯାନ ସଭାପତି ଭୁବନ ମୋହନ ଜେନା, ସାମାଜିକ କର୍ମୀ ବାନାମ୍ବର ସାହୁ ପ୍ରମୁଖ କହିଛନ୍ତି, ଦେଶ ସ୍ୱାଧୀନ ହେବାର ୭୮ ବର୍ଷରେ ଅମୃତକାଳ ପାଳନ ହେଉଛି। ଏହି ସମୟରେ ବତିଘର ପଞ୍ଚାୟତବାସୀ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ପରି ମୌଳିକ ସମସ୍ୟାରେ ଛନ୍ଦି ହୋଇପଡିଛନ୍ତି। ପ୍ରାକୃତିକ ପରିବେଶରେ ଭରପୂର ଏହି ପଞ୍ଚାୟତବାସୀଙ୍କ ପାଠପଢ଼ା ଓ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ଅବସ୍ଥାରେ ଅଛି। ପଡ଼ୋଶୀ ଜଗତ୍‌ସିଂହପୁର ଜିଲା ଶିଳ୍ପରୁ ବାହାରୁଥିବା ବର୍ଜ୍ୟବସ୍ତୁ ନଦୀଜଳରେ ଛଡ଼ା ଯାଉଥିବା ବେଳେ ଧୂଆଁ ଯୋଗୁ ବାୟୁମଣ୍ଡଳ ଦୂଷିତ ହୋଇଛି। ଚର୍ମ ରୋଗଠାରୁ ଆରମ୍ଭ କରି କର୍କଟ ରୋଗ ଏଠାରେ ଦେଖାଯାଉଛି। ପଞ୍ଚାୟତ ଅଧୀନରେ ହୁକିଟୋଲା, ବତିଘର, ଫଲସ ପଏଣ୍ଟ ଇଂରେଜ ଶାସନ ଓ ନୌବାଣିଜ୍ୟର ସ୍ୱାକ୍ଷର ବହନ କରିଛି। ଖରିନାସୀ ନଦୀକୂଳରେ ଥିବା ଏହି ବତିଘର ୧୮୩୬ ଡିସେମ୍ବରରେ ନିର୍ମାଣ ଆରମ୍ଭ ହୋଇଥିଲା। ୧୮୩୭ ଅକ୍ଟୋବର ୧୬ରେ ଏଠାରେ ପ୍ରଥମଥର ପାଇଁ ଆଲୋକ ପ୍ରଜ୍ୱଳନ କରାଯାଇଥିଲା ; ଯାହା ଅଦ୍ୟାବଧି କାର୍ଯ୍ୟକ୍ଷମ ଅଛି। ୨୦୧୬ରୁ ଏହି ସ୍ଥାନ ପର୍ଯ୍ୟଟନସ୍ଥଳର ମାନ୍ୟତା ମିଳିଥିଲେ ମଧ୍ୟ ଏହା ଏବେବି ଅବହେଳିତ ହୋଇରହିଛି। ୧୨୫ଫୁଟ ଉଚ୍ଚତା ବିଶିଷ୍ଟ ଏହି ବତିଘର ପରିସରରେ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀଙ୍କ ପଥର ନିର୍ମିତ ପୁରାତନ କବର ଓ କୂଅ ଅଛି। ଏହି ଐତିହ୍ୟସ୍ଥଳର ଭିତ୍ତିଭୂମି ସୁଦୃଢ଼ ସହ ଜିଲାର ଗ୍ରାମୀଣ ହସ୍ତଶିଳ୍ପ ଉତ୍ପାଦ ବିକ୍ରି ପାଇଁ ଏକ ସୁଦୃଶ୍ୟ ମଣ୍ଡି ଖୋଲାଗଲେ ପର୍ଯ୍ୟଟନ କ୍ଷେତ୍ରର ଶ୍ରୀବୃଦ୍ଧି ହେବ। ତୁରନ୍ତ ସ୍ୱାସ୍ଥ୍ୟସେବା ପାଇଁ ବୋଟ ଆମ୍ବୁଲାନ୍ସ ବ୍ୟବସ୍ଥା ହୋଇଛି। ତେବେ ଏହା ପର୍ଯ୍ୟାପ୍ତ ନୁହେଁ। ଖରିନାସୀ ସେତୁ ନିର୍ମାଣ ବିଳମ୍ବଜନିତ କାରଣରୁ ଏହି ପଞ୍ଚାୟତକୁ ଅଦ୍ୟାବଧି ଅଗ୍ନିଶମ ଗାଡି, ଆମ୍ବୁଲାନ୍ସ ଆସିପାରୁନାହିଁ। ଶିକ୍ଷାକୁ ନେଇ ସଚେତନତା ନ ଥିବାରୁ ବାଲ୍ୟ ବିବାହ ଏଠାରେ ଦେଖିବାକୁ ମିଳୁଛି। ସେହିପରି ବନାଞ୍ଚଳକୁ କେତେକେ ଜବରଦଖଲ କରିଥିବାରୁ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ଉନ୍ନୟନ କାର୍ଯ୍ୟ ପାଇଁ ସାମଗ୍ରୀ ପରିବହନରେ ସେତୁ ହିଁ ବାଧକ ସାଜିଛି। ସେହିପରି ପ୍ରତି ଗ୍ରାମକୁ ରାସ୍ତା, ତଟବନ୍ଧକୁ ଉଚ୍ଚା କରିବା, ହେନ୍ତାଳ ବଣର ସୁରକ୍ଷାକୁ ଗୁରୁତ୍ୱ ଦେବା ଦରକାର। ଏ ସମ୍ପର୍କରେ ଏଡିଏମ୍ ନିଲୁ ମହାପାତ୍ରଙ୍କୁ ପଚାରିବାରେ ଉପାନ୍ତ ଅଞ୍ଚଳରେ ଥିବା ଏହି ପଞ୍ଚାୟତ ବନ୍ୟା, ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ଘେରରେ ଅଛି। ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟାର ନିରାକରଣ ବ୍ୟବସ୍ଥା ଜିଲା ପ୍ରଶାସନ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ କରାଯାଉଛି। ଖରିନାସୀ ସେତୁ ନିର୍ମାଣକୁ ଅଧିକ ଗୁରୁତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି।

**Tender Notice**

BAIF Institute for Sustainable Livelihoods and Development

Invites sealed quotations from reputed vendors for Solar powered Lift Irrigation Systems and Portable Solar's at Jujomura, Rairakhol and Naktideul blocks of Sambalpur district, Odisha. For more details please visit www.baif.org.in & www.baifodisha.org

Address : Plot no.: 1565/2682, At Bhatra, PO. Dhanupali, Sambalpur, Odisha-768005
Telephone: +91-7894418535

**UNIMONI FINANCIAL SERVICES LIMITED**

RO: N.G. 12 & 13 Ground Floor, North Block, Manipal Centre, Dickenson Road, Bangalore - 560 042. CIN No.U65110KA1995PLC018175

**PUBLIC NOTICE**

[illegible] 22.08.2024 [illegible]

Auction Centre Address & Loan Nos : BHUBANESWAR (BUU - Plot No - 44, Ashok Nagar, Unit II, Bhubaneswar - 751001. Contact no -9937043634) 2060162, 2100353, 2089382, 2102221

(Reserves the right to alter the number of accounts to be auctioned & postpone / cancel the auction without any prior notice.)

## କୁଜଙ୍ଗରୁ ତୁଳସୀକ୍ଷେତ୍ର ପତିତପାବନ ପାଇଁ ଆସିଲା ରାଖୀ



କେନ୍ଦ୍ରାପଡ଼ା, ୧୮।୮ (ଜଗନ୍ନାଥ ଧଳ)

ସୋମବାର ରାଖୀ ପୂର୍ଣ୍ଣିମା। ଏହି ଉପଲକ୍ଷେ କୁଜଙ୍ଗସ୍ଥିତ ମା' ସୁଭଦ୍ରାଙ୍କ ପୀଠରୁ ତୁଳସୀକ୍ଷେତ୍ରସ୍ଥ ଇଚ୍ଛାପୁର ରଥଦାଣ୍ଡରେ ଥିବା ପତିତପାବନ ଓ ଶ୍ରୀବଳଦେବଜୀଉଙ୍କ ମନ୍ଦିର ବେଢ଼ା ମଧ୍ୟରେ ଥିବା କାଶୀ ବିଶ୍ୱନାଥଙ୍କ ପାଇଁ ରାଖୀ ରବିବାର ପହଞ୍ଚିଛି। ଏ ସମ୍ପର୍କରେ ଆୟୋଜକ ନିଖିଳ ଓଡ଼ିଶା ତୁଳସୀ ବଳରାମ ପରିଷଦର ସଭାପତି ଆଇନଜୀବୀ ନେପାଳ ପ୍ରକାଶ ସାମନ୍ତ କହିଛନ୍ତି, କୁଜଙ୍ଗ ଗଡ଼ ସହ ତୁଳସୀ କ୍ଷେତ୍ରାଧିପତିଙ୍କ ବିବିଧ କ୍ଷେତ୍ରରେ ସଂଯୋଗ ରହିଛି। ଶ୍ରୀଜଗନ୍ନାଥ ସଂସ୍କୃତିରେ ଶ୍ରୀକ୍ଷେତ୍ର ସହ କୁଜଙ୍ଗସ୍ଥିତ ମା' ସୁଭଦ୍ରା ପୀଠରେ ସଂଯୋଗ ରହିଛି। ଏହି ଐତିହାସିକ ସେତୁକୁ ମନେରଖିବା ପାଇଁ କଟକ ବାରବାଟୀର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସହଯୋଗରେ ଏହି ରାଖୀ ବ୍ୟବସ୍ଥା କରାଯାଇଛି। ଆଇନଜୀବୀ ମନୋଜ କୁମାର ଦାସ, ସୁଜିତ ବିଶ୍ୱାଳ, ସାମାଜିକ କର୍ମୀ ଦେବାଶିଷ ରଥ, ସୁଭଦ୍ରା ମନ୍ଦିର ଟ୍ରଷ୍ଟି ରାଜେନ୍ଦ୍ର ବେହେରା ପ୍ରମୁଖ ଏହି ରାଖୀକୁ ଅପରାହ୍ନରେ ଶ୍ରୀବଳଦେବଜୀଉଙ୍କ ପୂଜକ ଗୌରାଙ୍ଗ ସୁଆର, ଦିବାକର ପତ୍ରୀ ପ୍ରମୁଖଙ୍କୁ ହସ୍ତାନ୍ତର କରିଛନ୍ତି।

## ବଜ୍ରପାତରେ ୨ ଚାଷୀ ମୃତ

ପଟ୍ଟାମୁଣ୍ଡାଇ,୧୮।୮ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳରେ ରବିବାର ବଜ୍ରପାତରେ ୨ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଦୋଷିଆ ପଞ୍ଚାୟତ ବାସୁଦେବପୁର ଗାଁର ବିଜୟ ମଲିକ(୪୯), ଅନ୍ୟଜଣେ ଚାଷୀ ହେଲେ ବିଲିକଣା ପଞ୍ଚାୟତ ଗରା ଗାଁର ରାଜକିଶୋର ପ୍ରଧାନ (୬୫) ବୋଲି ଜଣାପଡିଛି।

ବାସୁଦେବପୁର ଗାଁର ବିଜୟ ବିଲକୁ ଚାଷ କାମ ପାଇଁ ଯାଇଥିଲେ। କାମ ଚାଲିଥିବା ବେଳେ ପୂର୍ବାହ୍ନ ୧୧ଟାରେ ବଜ୍ରପାତ ହୋଇଥିଲା। ଏଥିରେ ବିଜୟ ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପଟ୍ଟାମୁଣ୍ଡାଇ ଉପଖଣ୍ଡ ଡାକ୍ତରଖାନାକୁ ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଗରା ଗାଁରେ ରାଜକିଶୋର ବିଲରେ ରୁଆପୋତା କାମ କରୁଥିବା ବେଳେ ବଜ୍ରପାତ କାରଣରୁ ଗୁରୁତର ହୋଇପଡିଥିଲେ। ନିକଟରେ କାମ କରୁଥିବା ଅନ୍ୟ ଚାଷୀମାନେ ତାଙ୍କୁ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଡାକ୍ତରଖାନାକୁ ନେଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ ଉଭୟ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ପୋଲିସ ଏହି ଘଟଣାରେ ନଂ.୨୧/୨୪ ଓ ୨୨/୨୪ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଗଣମାଧ୍ୟମ ବିଶ୍ୱାସ ହରାଇଲେ ଗଣତନ୍ତ୍ର ପାଇଁ ବିପଦ

### ଏସ୍‌ୟୁଜେର ଆଲୋଚନାଚକ୍ର, ପ୍ରାନ୍ତୀୟ ସମାବେଶ

କେନ୍ଦ୍ରାପଡ଼ା, ୧୮।୮ (ଜଗନ୍ନାଥ ଧଳ)



ସମାବେଶରେ ଯୋଗଦେଇଥିବା ଅତିଥିମାନେ ।

ରାଜତନ୍ତ୍ର ସାଧାରଣ ଲୋକଙ୍କ ଉପଯୋଗୀ ହେଲା ନାହିଁ। ଶାସନ ବ୍ୟବସ୍ଥାକୁ ସୁସଙ୍ଗଠିତ ପାଇଁ ଗଣତନ୍ତ୍ରକୁ ପ୍ରାଧାନ୍ୟ ଦିଆଗଲା। ଏହି ବ୍ୟବସ୍ଥାରେ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ସହ ନ୍ୟାୟପାଳିକାକୁ ଗୁରୁତ୍ୱ ଦିଆଗଲା। ଗଣମାଧ୍ୟମ ଏମାନଙ୍କ ମଧ୍ୟରେ ଏକ ସେତୁ ଭାବେ ସଚେତନତା ସୃଷ୍ଟି କରି ଗଣତନ୍ତ୍ରର ସୁରକ୍ଷା କରିବା କଥା। ତେବେ ଗଣମାଧ୍ୟମ ଏବେ ବିଭିନ୍ନ ଭାବରେ ଚାପଗ୍ରସ୍ତ। ସାଧାରଣ ଜନତା ଏବେ ଗଣମାଧ୍ୟମର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଲେଣି। ଏହି ବିଭିନ୍ନସ୍ତରର ଚାପଠାରୁ ଗଣମାଧ୍ୟମ ଦୂରେଇ ନ ରହିଲେ ଗଣତନ୍ତ୍ର ପାଇଁ ବିପଦ ବୋଲି ରାଜ୍ୟ ସାମ୍ବାଦିକ ସଂଘ (ଏସ୍‌ୟୁଜେ) କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଓ ପ୍ରାନ୍ତୀୟ ସମାବେଶରେ ଆଲୋଚକମାନେ ମତ ଦେଇଛନ୍ତି।

କେନ୍ଦ୍ରାପଡ଼ା ସହରର ତିନିମୁହାଣୀ ନିକଟ ଉଦୟନଗରସ୍ଥିତ ସଂସ୍କୃତି ଭବନଠାରେ ରବିବାର ଏହି ସମାବେଶ ହୋଇଥିଲା। ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପତ୍ରକାର ସତ୍ୟପ୍ରକାଶ ନାୟକ, ଯୁବନେତା ତେଜେଶ୍ୱର ପରିଡା, ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ, ପୌରାଧ୍ୟକ୍ଷା ସରିତା ସାହୁ, ରାଜ୍ୟ ସମ୍ପାଦକ ଶିବାଶିଷ ମହାନ୍ତ ଆଲୋଚକ ଭାବେ ଯୋଗଦେଇଥିଲେ। ଆଲୋଚକମାନେ ଗଣତନ୍ତ୍ରରେ ଗଣମାଧ୍ୟମର ବିଶ୍ୱସନୀୟତା ଶୀର୍ଷକକୁ ତର୍ଜମା କରିଥିଲେ। ସେମାନେ କହିଥିଲେ, ସୁସ୍ଥ ଗଣତନ୍ତ୍ର ପାଇଁ ଗଣମାଧ୍ୟମର ଗୁରୁତ୍ୱ ବେଶି। ଲୋକଙ୍କ ସ୍ୱର ଭାବେ ଗଣମାଧ୍ୟମ କାର୍ଯ୍ୟ କରିଥାଏ। ସମ୍ପ୍ରତି ଗଣମାଧ୍ୟମ ପ୍ରତିନିଧିଙ୍କ ସାମାଜିକ ସୁରକ୍ଷାଠାରୁ ଆରମ୍ଭ କରି ଅର୍ଥନୀତି ପାଇଁ ବିଭିନ୍ନ କ୍ଷେତ୍ରରେ ଚାପଗ୍ରସ୍ତ ହେଉଛନ୍ତି। ଚାପଠାରୁ ଦୂରେଇ ରହି ଖବର ପରିବେଷଣ କଷ୍ଟସାଧ୍ୟ ହେଉଛି। ଏହାସତ୍ତ୍ୱେ ଦେଶର ସୁପରିଚାଳନାରେ ଗଣମାଧ୍ୟମ ସର୍ବଦା ଆଗଭର ରହିଛି। ଏସ୍‌ୟୁଜେ ରାଜ୍ୟ ସଭାପତି ନାୟକ ସରକାରଙ୍କ ପକ୍ଷରୁ ଖବରଦାତାଙ୍କ ସୁରକ୍ଷା ପାଇଁ ବିଭିନ୍ନ ଦାବି ରଖିଥିଲେ। ଜିଲା ସଭାପତି ଦଇତାରୀ ଜେନା ସ୍ୱାଗତ ଭାଷଣ ଓ ଉପସଭାପତି ଅସିତ କୁମାର ପଣ୍ଡା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଜିଲା ସମ୍ପାଦକ ଏହି ସମାବେଶରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମାବେଶକୁ କେନ୍ଦ୍ରାପଡ଼ା ଜିଲା ଶାଖାର କର୍ମକର୍ତ୍ତା ଓ ସଦସ୍ୟମାନେ ପରିଚାଳନା କରିଥିଲେ।

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
Union Bank of India
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ୩/୧ ଏ, ସିଭିକ୍ ସେଣ୍ଟର, ଆଇଆରସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫,
ଇ-ମେଲ:crld.robhubaneshwar@unionbankofindia.bank
**ପୁରୀ ମୁଖ୍ୟ ଶାଖା**
**ଡିମାଣ୍ଡ ନୋଟିସ୍**

ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ନିମନ୍ତେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅଧିନ

ପ୍ରାପ୍ତେଷୁ,
**ଋଣଗ୍ରହୀତା/ବନ୍ଧକଦାତା: (୧)ଶ୍ରୀ ଭାଗିରଥୀ ପ୍ରଧାନ**, ପିତା: ଶ୍ରୀ ଜଳନ୍ଧର ପ୍ରଧାନ, ଠିକଣା: ସା/ପୋ.: ସମଗରା, ଭାୟା: ବାଲିଗୁଆଳି, ଜିଲ୍ଲା: ପୁରୀ-୭୫୨୦୨୨ ।
**ଜାମିନ୍‌ଦାର: (୨)ଶ୍ରୀ ସଦାଶିବ ଆପାଟ**, ପିତା:ଂ ରାମଚନ୍ଦ୍ର ଆପାଟ, ଠିକଣା: ଗୁଡିଆ ସାହି, ବାହିନୀପତି ଲେନ୍, ହରଚଣ୍ଡି ସାହି, ପୁରୀ- ୭୫୨୦୦୧ ।
ମହାଶୟ/ମହାଶୟା,
**ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨)ସହିତ ଧାରା ୧୩(୩) ଅନୁସାରେ ନୋଟିସ୍ ।**
ତା.୦୩.୦୮.୨୦୨୪ରିଖରେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁସାରେ **ପୁରୀ ମୁଖ୍ୟ ଶାଖା**, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଆପଣଙ୍କ ଋଣ ଆକାଉଣ୍ଟର ବକେୟା ପରିଶୋଧ କରିବା ନିମନ୍ତେ ଆପଣଙ୍କ ଅନ୍ତିମ ଜ୍ଞାତ ଠିକଣାରେ ନୋଟିସ୍ ପଠାଯାଇଥିଲା, କିନ୍ତୁ ତାହା ପ୍ରାପ୍ତ ହୋଇନଥିଲା । ତେଣୁ ଏହି ଖବରକାଗଜ ପ୍ରକାଶନ ମାଧ୍ୟମରେ ଆମେ ଡିମାଣ୍ଡ ନୋଟିସ୍ ଜାରି କରିଅଛୁ । ଆପଣଙ୍କ ଋଣ ଆକାଉଣ୍ଟ ତା.୨୯.୦୮.୨୦୧୯ରେ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଅଛି । ଆପଣ ଋଣ ସୁବିଧା ଗ୍ରହଣ କରିବା ସମୟରେ ବ୍ୟାଙ୍କ ସହିତ ଆପଣ ଋଣ ଦସ୍ତାବିଜ୍ କାର୍ଯ୍ୟକାରୀ କରିଛନ୍ତି । ଋଣ ଆକାଉଣ୍ଟର ବକେୟା ଦେୟ ଓ ସୁରକ୍ଷିତ ବନ୍ଧକ ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| କ୍ର.ନଂ. | ଋଣର ପ୍ରକାର | ୩୧.୦୭.୨୦୨୪ରିଖ ସୁଦ୍ଧା ବକେୟା ପରିମାଣ | ବକେୟା ସୁଧ | ବ୍ୟାଙ୍କ ଦ୍ୱାରା ନୋଟିସ୍ ତାରିଖ ପର୍ଯ୍ୟନ୍ତ କରାଯାଇଥିବା ଖର୍ଚ୍ଚ/ ଚାର୍ଜ | ସମୁଦାୟ ବକେୟା ପରିମାଣ |
|---|---|---|---|---|---|
| ୧. | ୟୁନିୟନ ମଡ୍‌ଗେଜ୍ | ଟ.୪,୭୬,୪୮୨.୧୩ | ଟ.୨,୯୬,୦୫୭/- | ଟ.୩୭,୭୪୧.୫୧ | ଟ.୮,୧୦,୨୮୦.୬୪ |

ସମୁଦାୟ ବକେୟା ପରିମାଣ: ଆଠ ଲକ୍ଷ ଦଶ ହଜାର ଦୁଇଶହ ଅଶି ଟଙ୍କା ଚଉଷଠି ପଇସା ମାତ୍ର ।

ବନ୍ଧକ ସ୍ଥାବର ସମ୍ପତ୍ତି ନିମ୍ନରେ ପ୍ରଦାନ କରାଗଲା:
**ଶ୍ରୀ ଭାଗିରଥୀ ପ୍ରଧାନଙ୍କ ନାମରେ ଥିବା ବାସପୋଯୋଗି ଜମି ଏବଂ ଗୃହ ଯାହାର ଖାତା ନଂ.୫୯୫, ପ୍ଲଟ ନଂ.୪୪୪, ଏରିଆ: ଏ୦.୦୨ ଡିସିମିଲି, ମୌଜା: ପୁରୀ ସହର, ୟୁନିଟ୍ ନଂ.୧୦, ମଣିକର୍ଣ୍ଣିକା ସାହି, ପୁରୀ, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ନାରାୟଣ ପୂଜାପଣ୍ଡା, ଦକ୍ଷିଣ- ବିହାରିବନ୍ଧୁ ମହାନ୍ତି, ପୂର୍ବ- ରାସ୍ତା, ପଶ୍ଚିମ- ବିଶ୍ୱନାଥ ନନ୍ଦ ।**
ଆପଣ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ଜଣାଇଦିଆଯାଉଛି କି ଏହି ବିଜ୍ଞପ୍ତି ପ୍ରକାଶନର ୬୦ଦିନ ମଧ୍ୟରେ **ଟ.୮,୧୦,୨୮୦.୬୪**(ଆଠ ଲକ୍ଷ ଦଶ ହଜାର ଦୁଇଶହ ଅଶି ଟଙ୍କା ଚଉଷଠି ପଇସା ମାତ୍ର) ସହିତ ପରବର୍ତ୍ତି ସୁଧ ଏବଂ ତତ୍ ସମ୍ବନ୍ଧୀୟ ଖର୍ଚ୍ଚ ପଇଠ କରନ୍ତୁ । ଯଦି ଆପଣମାନେ ଏହା ପରିଶୋଧ କରିବାରେ ବିଫଳ ହୁଅନ୍ତି ତେବେ ସୁରକ୍ଷିତ ଋଣଦାତା ସିକ୍ୟୁରିଟାଇଜେସନ୍‌ଆଣ୍ଡ ରିକନ୍‌ଷ୍ଟ୍ରକସନ୍‌ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ର ସମସ୍ତ କ୍ଷମତା ପ୍ରୟୋଗ କରିବାକୁ ବାଧ୍ୟହେବେ । ଆକ୍ଟର ଧାରା ୧୩(୧୩)ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବାଠାରୁ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ହସ୍ତାନ୍ତର କରିପାରିବେ ନାହିଁ । ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛିକି ସରଫେସୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ ।
ଦ୍ରଷ୍ଟବ୍ୟ: ସରଫେଶୀ ଆକ୍ଟ ୨୦୦୨ଅନୁସାରେ ପୂର୍ବରୁ ଜାରି କରାଯାଇଥିବା ସମସ୍ତ ନୋଟିସ୍‌କୁ ଏଠାରେ ରଦ୍ଦ କରିଦିଆଗଲା ଏବଂ ବର୍ତ୍ତମାନ ନୋଟିସ୍ ପୂର୍ବ ନୋଟସ୍‌ମାନଙ୍କ ବିପକ୍ଷରେ ବଳବତ୍ତର ରହିବ ।
ତାରିଖ: ୧୭.୦୮.୨୦୨୪
ସ୍ଥାନ: ଭୁବନେଶ୍ୱର
ଆପଣଙ୍କ ବିଶ୍ୱସ୍ତ
ମୁଖ୍ୟ ପ୍ରବନ୍ଧକ ସହିତ କ୍ଷମତାପ୍ରାପ୍ତ ଅଧିକାରୀ

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
Union Bank of India
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ୩/୧ ଏ, ସିଭିକ୍ ସେଣ୍ଟର, ଆଇଆରସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫,
ଇ-ମେଲ:crld.robhubaneshwar@unionbankofindia.bank
**ଶାସ୍ତ୍ରୀନଗର ଶାଖା**
**ଡିମାଣ୍ଡ ନୋଟିସ୍**

ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ନିମନ୍ତେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅଧିନ

ପ୍ରାପ୍ତେଷୁ,
**ଋଣଗ୍ରହୀତା: (୧)ମା ଜାଗେଶ୍ୱରୀ ଫେବ୍ରିକେସନ୍, ସତ୍ତ୍ୱାଧିକାରୀ: ଶ୍ରୀ ପ୍ରମୋଦ କୁମାର ମହାରଣା**, ଠିକଣା: ପ୍ଲଟ ନଂ.୫୮୦, ଖଣ୍ଡଗିରି, ଭୁବନେଶ୍ୱର, ଓଡିଶା- ୭୫୧୦୧୯ ।
**ଜାମିନ୍‌ଦାର/ବନ୍ଧକଦାତା: (୨)ଶ୍ରୀମତୀ ସ୍ନେହାସିନୀ ମହାରଣା**,ଠିକଣା: ଖାତା ନଂ.୧୩୩୧/୧୦୯୯, ପ୍ଲଟ ନଂ.୭୫୭/୬୦୯୨, ୟୁନିଟ୍ ନଂ.୨୮, ଗୌତମ ନଗର, ଥାନା: ଲିଙ୍ଗରାଜ ନଂ.୫୫, ଭୁବନେଶ୍ୱର-୭୫୧୦୧୪ ।
ମହାଶୟ/ମହାଶୟା,
**ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨)ସହିତ ଧାରା ୧୩(୩) ଅନୁସାରେ ନୋଟିସ୍ ।**
ତା.୨୯.୦୭.୨୦୨୪ରିଖରେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁସାରେ **ଶାସ୍ତ୍ରୀନଗର ଶାଖା**, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଆପଣଙ୍କ ଋଣ ଆକାଉଣ୍ଟର ବକେୟା ପରିଶୋଧ କରିବା ନିମନ୍ତେ ଆପଣଙ୍କ ଅନ୍ତିମ ଜ୍ଞାତ ଠିକଣାରେ ନୋଟିସ୍ ପଠାଯାଇଥିଲା, କିନ୍ତୁ ତାହା ପ୍ରାପ୍ତ ହୋଇନଥିଲା । ତେଣୁ ଏହି ଖବରକାଗଜ ପ୍ରକାଶନ ମାଧ୍ୟମରେ ଆମେ ଡିମାଣ୍ଡ ନୋଟିସ୍ ଜାରି କରିଅଛୁ । ଆପଣଙ୍କ ଋଣ ଆକାଉଣ୍ଟ ତା.୨୯.୧୧.୨୦୨୩ରେ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଅଛି । ଆପଣ ଋଣ ସୁବିଧା ଗ୍ରହଣ କରିବା ସମୟରେ ବ୍ୟାଙ୍କ ସହିତ ଆପଣ ଋଣ ଦସ୍ତାବିଜ୍ କାର୍ଯ୍ୟକାରୀ କରିଛନ୍ତି । ଋଣ ଆକାଉଣ୍ଟର ବକେୟା ଦେୟ ଓ ସୁରକ୍ଷିତ ବନ୍ଧକ ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| କ୍ର.ନଂ. | ଋଣର ପ୍ରକାର | ୩୦.୦୬.୨୦୨୪ରିଖ ସୁଦ୍ଧା ବକେୟା ପରିମାଣ | ବକେୟା ସୁଧ | ସମୁଦାୟ ବକେୟା ପରିମାଣ |
|---|---|---|---|---|
| ୧. | ୟୁନିୟନ ପ୍ରୋଗ୍ରେସ୍ (ଟିଏଲ୍) | ଟ.୭,୨୩,୮୩୫/- | ଟ.୮୫,୬୧୫/- | ଟ.୮,୦୯,୪୫୦/- |

ସମୁଦାୟ ବକେୟା ପରିମାଣ: ଆଠ ଲକ୍ଷ ନଅ ହଜାର ଚାରିଶହ ପଚାଶ ଟଙ୍କା ମାତ୍ର ।

ବନ୍ଧକ ସ୍ଥାବର ସମ୍ପତ୍ତି ନିମ୍ନରେ ପ୍ରଦାନ କରାଗଲା:
**ବାସପୋଯୋଗି ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୭୫୭/୬୦୯୨, ଖାତା ନଂ.୧୩୩୧/୧୦୯୯, ସମୁଦାୟ ଜମି ଏରିଆ: ଏ୦.୦୩୭ ଡିସିମିଲି (୧୬୧୨ ବର୍ଗଫୁଟ), ମୌଜା: ଭୁବନେଶ୍ୱର ସହର, ୟୁନିଟ୍ ନଂ.୨୮, ଗୌତମ ନଗର, ହାଲ ଥାନା: ଲିଙ୍ଗରାଜ (ନଂ.୫୫), ଭୁବନେଶ୍ୱର ।**
ଆପଣ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ଜଣାଇଦିଆଯାଉଛି କି ଏହି ବିଜ୍ଞପ୍ତି ପ୍ରକାଶନର ୬୦ଦିନ ମଧ୍ୟରେ **ଟ.୮,୦୯,୪୫୦/-** (ଆଠ ଲକ୍ଷ ନଅ ହଜାର ଚାରିଶହ ପଚାଶ ଟଙ୍କା ମାତ୍ର) ସହିତ ପରବର୍ତ୍ତି ସୁଧ ଏବଂ ତତ୍ ସମ୍ବନ୍ଧୀୟ ଖର୍ଚ୍ଚ ପଇଠ କରନ୍ତୁ । ଯଦି ଆପଣମାନେ ଏହା ପରିଶୋଧ କରିବାରେ ବିଫଳ ହୁଅନ୍ତି ତେବେ ସୁରକ୍ଷିତ ଋଣଦାତା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ର ସମସ୍ତ କ୍ଷମତା ପ୍ରୟୋଗ କରିବାକୁ ବାଧ୍ୟହେବେ । ଆକ୍ଟର ଧାରା ୧୩(୧୩)ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବାଠାରୁ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ହସ୍ତାନ୍ତର କରିପାରିବେ ନାହିଁ । ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛିକି ସରଫେସୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ ।
ତାରିଖ: ୧୭.୦୮.୨୦୨୪
ସ୍ଥାନ: ଭୁବନେଶ୍ୱର
ଆପଣଙ୍କ ବିଶ୍ୱସ୍ତ
ମୁଖ୍ୟ ପ୍ରବନ୍ଧକ ସହିତ କ୍ଷମତାପ୍ରାପ୍ତ ଅଧିକାରୀ

## ସଂକ୍ଷେପରେ

### ପଚ୍ଚାମୁଣ୍ଡାଇ କେନାଲରୁ ବୃଦ୍ଧଙ୍କ ମୃତଦେହ ଜବତ

ଚଣ୍ଡିଖୋଲ,୧୮।୮(ପ୍ରଦୀପ୍ତ କୁମାର ପୃଷ୍ଟି): ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଚ୍ଚାମୁଣ୍ଡାଇ କେନାଲର ଚାରିନଙ୍ଗଳ ନିକଟରୁ ରବିବାର ଅପରାହ୍ନରେ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରାଯାଇଛି। ବାଲିଚନ୍ଦ୍ରପୁର ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ମୃତକ କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ନୃତାଙ୍ଗ ଗ୍ରାମର ମୁରଲୀ ଧର ସାହୁ(୬୨) ବୋଲି ପୋଲିସ କହିଛି। ମୁରଲୀ ଶନିବାରଠାରୁ ନିଖୋଜ ଥିଲେ। ରବିବାର ତାଙ୍କ ମୃତଦେହ ଚାରିନଙ୍ଗଳଠାରେ କେନାଲରେ ଭାସୁଥିବା ଦେଖିବାକୁ ମିଳିଥିଲା। ତେବେ ସେ କେନାଲରେ ବୁଡ଼ି ପ୍ରାଣ ହରାଇଛନ୍ତି କି କେହି ତାଙ୍କୁ ମାରି ଭସାଇ ଦେଇଛନ୍ତି ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାହା ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

### ଅଗଷ୍ଟରେ ଅଧିକ ବର୍ଷା

ଧର୍ମଶାଳା,୧୮।୮(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଅଞ୍ଚଳରେ ଗତ ବର୍ଷଠାରୁ ଚଳିତ ବର୍ଷ ଅଦ୍ୟାବଧି ଅଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଗତବର୍ଷ ଅଗଷ୍ଟରେ ଏହି ବ୍ଲକରେ ୧୭୧ ମିଲି ମିଟର ବର୍ଷା ହୋଇଥିବାବେଳେ ଚଳିତ ବର୍ଷ ଅଦ୍ୟାବଧି ୨୦୭ ମିଲିମିଟର ବର୍ଷା ହୋଇଥିବା ସରକରୀ ଭାବେ ରେକର୍ଡ କରାଯାଇଛି। ତେବେ ଲଘୁଚାପ ଲାଗିରହୁଥିବାରୁ ଚଳିତ ବର୍ଷ ଅଗଷ୍ଟ ଶେଷ ସୁଦ୍ଧା ୩୦୦ ମଲିମିଟରରୁ ଅଧିକ ବର୍ଷା ହେବା ଆଶଙ୍କା କରାଯାଉଛି। ତେବେ ଜୁନ, ଜୁଲାଇରେ ଆବଶ୍ୟକତାଠାରୁ କମ ପରିମାଣର ବର୍ଷା ହୋଇଥିବାରୁ ଚାଷ କାର୍ଯ୍ୟ ଆଗେଇ ପାରି ନ ଥିଲା। ଏବେ ବର୍ଷା ସ୍ୱାଭାବିକ ହେଉଥିବାରୁ ଧାନ ରୁଆପୋତା ଖୁବ ଜୋରସୋରରେ ଆଗେଇ ଚାଲିଛି। ଆଗକୁ ଏଭଳି ବର୍ଷା ଜାରି ରହିଲେ ବିଳମ୍ବ ହେଲେ ସୁଦ୍ଧା ଧାନ ଅମଳ ଭଲ ହେବ ବୋଲି ଚାଷୀମାନେ ଆକଳନ କରିଛନ୍ତି।

### ୨ ଘରୁ ଚୋରି, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

ପାଣିକୋଇଲି,୧୮।୮(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି-ଆଙ୍କୁଲା ରୋଡ଼ର ରାଢ଼ି ସାହିଠାରେ ଦୁଇ ଜଣଙ୍କ ଘରୁ ଶନିବାର ରାତିରେ ଝରକା ତାଡ଼ି ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ଦୁଇଟି ମାମଲା ରୁଜୁ କରିବା ସହ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଛି। ସାହିର ରଘୁନାଥ ପରିଡ଼ା ଓ ଶ୍ରୀକାନ୍ତ ଦାସଙ୍କ ପରିବାର ଘରେ ଶୋଇଥିବାବେଳେ ଘରର ଅନ୍ୟ ରୁମ ଝରକା ତାଡ଼ି ଦୁର୍ବୃତ୍ତ ପଶି ଲୁଟି କରିଥିଲେ। ଦୁର୍ବୃତ୍ତ ରଘୁନାଥଙ୍କ ଘରୁ କୋଡ଼ିଏ ହଜାର ଟଙ୍କା, ସୁନାଚେନ, କାନଫୁଲ, ରୁପା ପାଉଁଜି ଓ ମୁଦି ନେଇଯାଇଥିବାବେଳେ ଶ୍ରୀକାନ୍ତଙ୍କ ଘରୁ ୩୮୦୦ ଟଙ୍କା, ୪ ସୁନାମୁଦି, ଚାରି ସୁନାଚୁଡ଼ି, ୩ ହଳ ପାଉଁଜି ଓ ୩ ହଳ ଗୋଡ଼ ମୁଦି ୩ ଲୁଟି ନେଇଛନ୍ତି। ରଘୁନାଥ ଓ ଶ୍ରୀକାନ୍ତ ରବିବାର ସକାଳେ ଅଭିଯୋଗ କରିବା ପରେ ଥାନାଧିକାରୀ ରଞ୍ଜନ କୁମାର ପ୍ରଧାନ, ଏସ୍ଆଇ ବିଶ୍ୱରଞ୍ଜନ ଦାସ ଯାଇ ତଦନ୍ତ କରିଥିଲେ।

# ଶାନ୍ତିବଜାର-ଗୋପବନ୍ଧୁ ଛକ ମୁଖ୍ୟ ରାସ୍ତାରୁ ଶୁଖୁନି ପାଣି

କାଏମା,୧୮।୮(ଶିବପ୍ରସାଦ ମହାନ୍ତି):



ରାସ୍ତା ଉପରେ ଲହଡ଼ି ମାରୁଛି ବର୍ଷା ପାଣି।

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଶାନ୍ତିବଜାରଠାରୁ ଗୋପବନ୍ଧୁ ଛକ ପର୍ଯ୍ୟନ୍ତ ଥିବା ମୁଖ୍ୟ ରାସ୍ତା ଉପରେ ଲହଡ଼ି ମାରୁଛି ବର୍ଷା ପାଣି। ଅସରାଏ ବର୍ଷା ହେଲେ ରାସ୍ତା ଉପରେ ପାଣି ଜମିରହୁଛି। ହେଲେ ପାଣି ଶୁଖିବାର ନାଁ ଧରୁନାହିଁ। ମାସମାସ ଧରି ପାଣି ରାସ୍ତା ଉପରେ ଜମି ରହୁଛି। ଫଳରେ ଯାତାୟାତ ପ୍ରଭାବିତ ହେଉଛି।

ଏହି ରାସ୍ତାଟି ଜାରକା ବସ୍‌ଷ୍ଟାଣ୍ଡକୁ ସଂଯୋଗ କରୁଥିବାରୁ ଦୈନନ୍ଦିନ ଶହଶହ ଲୋକ ଏହି ପାଣିରେ ପଶି ଯାତାୟାତ କରୁଛନ୍ତି। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସେହିପରି ଧର୍ମଶାଳା ମହାବିଦ୍ୟାଳୟ, ଧର୍ମଶାଳା ବ୍ଲକ, ମିନି ଷ୍ଟାଡିୟମ ଭଳି ଅନେକ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନକୁ ଏ ରାସ୍ତା ସଂଯୋଗ କରୁଥିବାରୁ ସାଧାରଣ ଲୋକ ଏବଂ ଛାତ୍ରୀଛାତ୍ର ଏହି ରାସ୍ତା ଉପରେ ପାଣିରେ ପଶି ଯାତାୟାତ କରୁଛନ୍ତି। ଗାଡ଼ି ଚାଳକ, ବାଇକ ଚାଳକ, ସାଇକେଲ ଆରୋହୀଙ୍କ ମଧ୍ୟରେ ପାଣି ଛିଟିକି ପଡ଼ିବାକୁ ନେଇ ପାଟିତୁଣ୍ଡ ହେଉଛି। ଏହି ସବୁର ମୁଖ୍ୟ କାରଣ ଡ୍ରେନ ନିର୍ମାଣରେ ଅନିୟମିତତା ବୋଲି ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି।

ଏହି ରାସ୍ତାର ଗୋଟାଏ ପାର୍ଶ୍ୱରେ ଡ୍ରେନ ରହିଛି, ଯାହା ବହୁ ବର୍ଷ ହେବ ନିର୍ମାଣ କରାଯାଇଛି। ସେ ସମୟ ଆଉ ବର୍ତ୍ତମାନ ସମୟ ମଧ୍ୟରେ ଆକାଶ ପାତାଳ ଫରକ ମଧ୍ୟ ରହିଛି। ଜାରକା ଅଞ୍ଚଳରେ ବଢ଼ି ଚାଲିଛି ଜନସଂଖ୍ୟା ଓ ଘର। ବିଭିନ୍ନ ଖାଲୁଆ ସ୍ଥାନ ଓ ଡ୍ରେନକୁ ପୋତି ଘର ନିର୍ମାଣ କରାଯାଉଛି। ଫଳରେ ପାଣି ନିଷ୍କାସନ ଠିକ ଭାବେ ହୋଇ ନ ପାରି ରାସ୍ତା ଉପରେ ଲହଡ଼ି ମାରୁଛି। ତେଣୁ ଏହାର ବିକଳ୍ପ ଚିନ୍ତା କରିବା ସହ ଯାତାୟାତରେ ହେଉଥିବା ଅସୁବିଧାକୁ ତୁରନ୍ତ ଦୂର କରିବା ପାଇଁ ଲୋକେ ସ୍ଥାନୀୟ ବିଧାୟକ ଓ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ବଜ୍ରପାତରେ ୨ ମୃତ, ଦୁଇ ଗୁରୁତର

କୋରେଇ/ଧର୍ମଶାଳା,୧୮।୮ (ଚନ୍ଦ୍ରକାନ୍ତ ପତି/ବଟକୃଷ୍ଣ ପରିଡ଼ା):

ରାଜ୍ୟରେ ଦିନକୁଦିନ ବଜ୍ରପାତରେ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ସରକାରୀସ୍ତରରେ ବଜ୍ରପାତ ସଚେତନତା ଲାଗି ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନ ଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ରବିବାର ବଜ୍ରପାତ ଘଟି ଯାଜପୁର ଜିଲାରେ ପୁଣି ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ କୋରେଇ ଓ ଧର୍ମଶାଳା ଥାନା ଅଞ୍ଚଳର ବୋଲି ସୂଚନା ମିଳିଛି। ଏଥିସହିତ କୋରେଇରେ ୨ ଜଣ ଗୁରୁତର ହୋଇଛନ୍ତି।

କୋରେଇ ଥାନା ଅଧୀନ ଆଲଦା ଗ୍ରାମରେ ୩ଜଣ ବ୍ୟକ୍ତି ବିଲରେ କାମ କରିବା ସମୟରେ ବଜ୍ରପାତ ହୋଇଥିଲା। ଫଳରେ ସେମାନେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଧନେଶ୍ୱର ପଞ୍ଚାୟତ ଆଲଦା ଗ୍ରାମର ଫକୀର ମଲିକଙ୍କ ପୁଅ ରାଜେନ୍ଦ୍ର ମଲ୍ଲିକଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଜଳେଶ୍ୱରପୁର ଗ୍ରାମର ନିରଞ୍ଜନ ମଲିକ ଓ ଅକ୍ଷୟ ମଲିକଙ୍କୁ କଟକ ମେଡିକାଲ ସ୍ଥାନାନ୍ତରିତ କରାଯାଇଥିଲା।

ସେହିପରି ଧର୍ମଶାଳା ଥାନା ଅନ୍ତର୍ଗତ ଭବାନୀପୁର ଗ୍ରାମରେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତ ଚାଷୀ ଭବାନୀପୁର ଗ୍ରାମର ରମାକନ୍ତ ସାହୁ(୪୯)। ରମାକାନ୍ତ ନିଜ ଗ୍ରାମ ନିକଟ ବିଲରେ ଧାନ ରୋଉଥିବାବେଳେ ଅପରାହ୍ନ ପ୍ରାୟ ୧ଟା୩୦ରେ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ଫଳରେ ସେ ବଜ୍ରପାତର ଶିକାର ହୋଇ ଟଳିପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧର୍ମଶାଳା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି। ମୃତ ଚାଷୀଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଶନିବାର କୋରେଇ ଥାନା ଅଧୀନ ତାରାକୋଟ ପଞ୍ଚାୟତରେ ବଜ୍ରପାତ ଘଟି ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିଲା।

# ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର



ଯାଜପୁର ଟାଉନ,୧୮।୮ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁରର ନୂତନ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କୁ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଏଥିସହିତ ଖବରଦାତାମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଖବରଦାତାଙ୍କ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ନବୀକରଣ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ବିଳମ୍ବ ସମ୍ପର୍କରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ସ୍ୱାସ୍ଥ୍ୟ ବୀମା ଯୋଜନାରେ ହିତାଧିକାରୀଙ୍କ ପିତା ମାତା ଓ ୨୫ବର୍ଷର ସନ୍ତାନ ସନ୍ତତିମାନଙ୍କୁ ସାମିଲ, ଖବରଦାତା ସୁରକ୍ଷା ଆଇନ ପ୍ରଣୟନ, ରାଜ୍ୟ, ଜିଲା ଅଧିସ୍ୱୀକୃତି କମିଟି ଗଠନ ଓ ଯୋଗ୍ୟ ବିବେଚିତ ଖବରଦାତାଙ୍କୁ ଅଧିସ୍ୱୀକୃତି ପ୍ରଦାନ, ଅବସରକାଳୀନ ଭତ୍ତା ପ୍ରଦାନ ଏବଂ ପ୍ରେସ୍ ଏକାଡେମୀ ଗଠନ ସମ୍ପର୍କରେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଘ ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ଜିଲା ସଭାପତି ହରିହର ସ୍ୱାଇଁ, ପୀତବାସ ଭୂୟାଁ, ରଙ୍ଗବଲ୍ଲଭ ସାହୁ, ଶୁଭାଶିଷ ରାଉତ, ବାଞ୍ଛାନିଧି ସାହୁ, ବିଦ୍ୟାଧର ବେହେରା, ରବିନାରାୟଣ ରଣା, ଅଜୟ କୁମାର ମିଶ୍ର, ସଞ୍ଜୟ କର, ପବିତ୍ର ମହାନ୍ତି, ସୁରେଶ କର, ଜ୍ୟୋତିରଞ୍ଜନ ମିଶ୍ର, ଦିବ୍ୟକାନ୍ତ କର, ଜୟପ୍ରକାଶ ନାୟକ ଓ ଭରତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଲୁହାରଡ଼୍‌ରେ ଯୁବକଙ୍କୁ ଆକ୍ରମଣ, ଜଣେ ଗିରଫ

ମାର୍ଶାଘାଇ, ୧୮।୮ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଥାନା ଅନ୍ତର୍ଗତ ଗରଜଙ୍ଗା ଗାଁରେ ଶନିବାର ସନ୍ଧ୍ୟାରେ ଜଣେ ଯୁବକଙ୍କୁ ଲୁହା ରଡ଼ରେ ଆକ୍ରମଣ କରିବା ଅଭିଯୋଗରେ ଜଣଙ୍କୁ ପୋଲିସ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ଗରଜଙ୍ଗା ଗାଁର କେଶବ ଦାସଙ୍କ ପୁଅ ବିଶ୍ୱରଞ୍ଜନ ଦାସ ସନ୍ଧ୍ୟାରେ ଦେବୀ ପ୍ରସାଦ ଦାସ ଓରଫ ଲିଟୁଙ୍କ ଘର ଆଗରେ ଯାଉଥିଲେ। ଲିଟୁ ତାଙ୍କୁ ଅଟକାଇ ଧମକ ଦେଇଥିଲେ। ସେ ଏ କଥାକୁ ଗୁରୁତ୍ୱ ନ ଦେଇ ଆଗକୁ ଚାଲି ଯାଉଥିବା ବେଳେ ଲିଟୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଏକ ଲୁହାରଡ଼୍‌ରେ ବିଶ୍ୱରଞ୍ଜନଙ୍କ ମୁଣ୍ଡରେ ଆଘାତ ଦେଇଥିଲେ। ଘଟଣା ସମ୍ପର୍କରେ ବିଶ୍ୱରଞ୍ଜନ ରବିବାର ସକାଳେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଆଇଆଇସି ପ୍ରଜ୍ଞା ପାରମିତା ଜେନା ଘଟଣାର ତଦନ୍ତ କରି ଅଭିଯୁକ୍ତ ଲିଟୁଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଲୁହାରଡ଼୍ ଜବତ କରିଛନ୍ତି। କେସ୍ ନଂ. ୧୫୧/୨୪ରେ ମାମଲା ରୁଜୁ ହୋଇଛି।

# ମୃତ ଯୁବକଙ୍କ ପରିବାରକୁ ପ୍ରଶାସନର ସହାୟତା



ମୃତ ଆଦିବାସୀ ଯୁବକଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଉଛି।

### ତୁରନ୍ତ ଜମି ଯୋଗାଇ ଦେବାକୁ ଦାବି

ରସୁଲପୁର,୧୮।୮(ରଂଜିତ ରାଉତ):

ନଦୀରେ ବୁଡ଼ି ପ୍ରାଣ ହରାଇଥିବା ଆଦିବାସୀ ଯୁବକ କବି ବେହେରା(୪୦)ଙ୍କ ପରିବାରକୁ ରସୁଲପୁର ତହସିଲ ପକ୍ଷରୁ ରେଡ୍‌କ୍ରସ ସହାୟତା ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଛି। ରାଜସ୍ୱ ନିରୀକ୍ଷକ ଦେବପ୍ରସାଦ ମହାନ୍ତ ମୃତକଙ୍କ ପରିବାର ନିକଟରେ ପହଞ୍ଚି ୧୦ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ବାବଦକୁ ଅର୍ଥରାଶି ପ୍ରଦାନ ଦିଗରେ ତଦନ୍ତ ଜାରି ରହିଛି। ପରେ ଉକ୍ତ ପରିବାରକୁ ୪ଲକ୍ଷ ଟଙ୍କା ଅର୍ଥରାଶି ସେମାନଙ୍କ ବ୍ୟାଙ୍କ ଜମାଖାତାରେ ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଭୋଟକା ପଞ୍ଚାୟତ ସମ୍ମୁଖରେ ବସବାସ କରୁଥିବା ଆଦିବାସୀ ବସ୍ତିର ଯୁବକ କବି ଚଳିତ ମାସ ୩ତାରିଖରେ ଛିଣ୍ଡା ଖରସ୍ରୋତା ନଦୀକୁ ଗାଧୋଇବାକୁ ଯାଇ ବୁଡ଼ିଯାଇଥିଲେ। ସ୍ଥାନୀୟ ଅଞ୍ଚଳର ଯୁବକମାନେ ତାଙ୍କୁ ଉଦ୍ଧାର କରି ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ପରିବାର ଲୋକେ ପାଛିଆ ବୁଣି ଚଳନ୍ତି। ପରିବାରରେ କବି ଏକମାତ୍ର ରୋଜଗାରକ୍ଷମ ଥିଲେ। ତାଙ୍କ ମୃତ୍ୟୁ ପରେ ପରିବାର ଲୋକ ଭାଙ୍ଗି ପଡ଼ିଛନ୍ତି। ତାଙ୍କର ଜଣେ ଛୋଟ ପୁଅ ଓ ଝିଅ ଅଛନ୍ତି। କବିଙ୍କ ଶୁଦ୍ଧିକ୍ରିୟା ସମ୍ପନ୍ନ ପାଇଁ ପ୍ରଶାସନ ପକ୍ଷରୁ ରେଡକ୍ରସରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବାବେଳେ ଭୋଟକା ସରପଞ୍ଚ ସ୍ମୃତିରେଖା ରାଉତ ହରିଶ୍ଚନ୍ଦ୍ର ଯୋଜନାରେ ୩ହଜାର ଟଙ୍କା ପ୍ରଦାନ କରିଛନ୍ତି। ସ୍ଥାନୀୟ କେତେଜଣ ସ୍ୱେଚ୍ଛାସେବୀ ଯୁବକଙ୍କ ପକ୍ଷରୁ ମୃତକଙ୍କ ପରିବାରକୁ ମଧ୍ୟ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। କବିଙ୍କ ପରିବାର ଏବେ ବି ଛିଣ୍ଡା ପଲିଥିନ ତଳେ ଜୀବନ ବିତାଉଛନ୍ତି। ଉକ୍ତ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ହେଲେ ପ୍ରଶାସନ ପକ୍ଷରୁ ଉପଯୁକ୍ତ ଜମି ଯୋଗାଇ ଦିଆଯାଉ ନ ଥିବାରୁ ସେମାନେ ବାସଗୃହ ନିର୍ମାଣ କରିପାରିନାହାନ୍ତି। ତେଣୁ ଉକ୍ତ ପରିବାରକୁ ତୁରନ୍ତ ସରକାର ଜମି ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ଅସୁରକ୍ଷିତ ରେଳ ଫାଟକ ରାସ୍ତାର ପ୍ରତିକାର ଦାବି

ଯାଜପୁର,୧୮।୮(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ରୋଡ୍ ରେଳ କର୍ତ୍ତୃପକ୍ଷଙ୍କ ବେପରୁଆ କାର୍ଯ୍ୟ ଯୋଗୁ ଜନସାଧାରଣ ବିପଦରେ ପଡ଼ୁଥିବା ଅଭିଯୋଗ ହେଉଛି। ଏହାର ନିରାକରଣ ପାଇଁ କଳିଙ୍ଗନଗର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଯାଜପୁର ଏମପି ରବୀନ୍ଦ୍ର ନାରାୟଣ ବେହେରା ଓ କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସଂଘର ଅଭିଯୋଗ ଅନୁଯାୟୀ, ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ନିମନ୍ତେ ରେଳ କର୍ତ୍ତୃପକ୍ଷ ପ୍ରସ୍ତାବିତ ଲିଫ୍ଟ ବ୍ୟବସ୍ଥାକୁ ଅଣଦେଖା କରିଛନ୍ତି। ୨୯।୯।୨୦୨୨ ଓ ୧୪।୩।୨୦୨୩ରେ ଷ୍ଟେଶନ ପରାମର୍ଶଦାତା କମିଟି ବୈଠକରେ ଏହି ପ୍ରସ୍ତାବ ଉପରେ ଗୁରୁତ୍ୱ ଦେବାକୁ ଦାବି କରାଯାଇଥିଲା। ଏହାକୁ ରେଳ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଲେନାହିଁ। ୨୦୨୪ ଜାନୁଆରୀରେ ଯାଜପୁର ରୋଡ୍ ଷ୍ଟେଶନର ପଶ୍ଚିମ ପଟ ସାଇ ମନ୍ଦିର ସମ୍ମୁଖରେ ଥିବା ରେଳ ଫାଟକକୁ ବନ୍ଦ କରି ନିକଟସ୍ଥ ମା' ଚାରିଆଖିଆ ଠାକୁରାଣୀ ମନ୍ଦିର ନିକଟକୁ ସ୍ଥାନାନ୍ତର କରାଯାଇଛି। ଏହା ସାପଗଡ଼ିଆ ରାସ୍ତା ସହିତ ସଂଯୋଗ ହୋଇଛି। ହେଲେ ସାପଗଡିଆ ରାସ୍ତା ସଂଯୋଗ ଛକଠାରୁ ଗଣେଶ ବଜାର ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଅନ୍ଧାର ହୋଇ ରହିଛି। ଏହାସହ ଏହି ରାସ୍ତାର ଅବସ୍ଥା ଖାଲଖମାରେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ସନ୍ଧ୍ୟା ୭ଟାରୁ ସକାଳ ପର୍ଯ୍ୟନ୍ତ ଏହି ନିଛାଟିଆ, ଅନ୍ଧାରୁଆ ଖରାପ ରାସ୍ତାରେ ଲୁଟେରାମାନଙ୍କ ଦୌରାତ୍ମ୍ୟ ଯୋଗୁ ଅଞ୍ଚଳବାସୀ, ରେଳଯାତ୍ରୀ, କଳିଙ୍ଗନଗର ଶିଳ୍ପାଞ୍ଚଳରେ କାର୍ଯ୍ୟରତ କର୍ମଚାରୀ ନିଜକୁ ନିରାପଦ ମଣୁନାହାନ୍ତି। ଏହି ରାସ୍ତାରେ ଗତ ମାର୍ଚ୍ଚ ୨୮ ରାତି ପ୍ରାୟ ୧୧ଟାରେ କେତେଜଣ ଦୁର୍ବୃତ୍ତ ସଂଘର ସାଧାରଣ ସମ୍ପାଦକ ଦାମୋଦର ପଣ୍ଡାଙ୍କୁ ଆକ୍ରମଣ କରି ତାଙ୍କଠାରୁ ମୋବାଇଲ ଓ ପର୍ସ ଲୁଟି ନେଇଥିଲେ। ଏ ସଂକ୍ରାନ୍ତରେ ସଂଘର ସଦସ୍ୟ, ସାମାଜିକ କର୍ମୀ ତଥା ଷ୍ଟେଶନର ପୂର୍ବତନ ପରାମର୍ଶଦାତା ଭାଗୀରଥି ଆଚାର୍ଯ୍ୟ ପ୍ରମୁଖ ଷ୍ଟେଶନ ମ୍ୟାନେଜର, ରେଲୱେ ଥାନାଧିକାରୀ, କର୍ମସିଆଲ ଇନ୍ସପେକ୍ଟରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ତାଙ୍କ ଅଧୀନ କାର୍ଯ୍ୟ ନୁହେଁ ବୋଲି କହି ନୀରବୀ ଯାଇଥିଲେ। ତେଣୁ ଲିଫ୍ଟ ବ୍ୟବସ୍ଥା, ମା' ଚାରିଆଖିଆ ମନ୍ଦିର ରେଳ ଫାଟକ ରାସ୍ତାରେ ଆଲୋକୀକରଣ, ରାସ୍ତାର ଉନ୍ନତୀକରଣ, ରେଳ ସୁରକ୍ଷା ବଳଙ୍କ ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ସଂଘର ସଭାପତି ଗୌରୀଶଙ୍କର ଷଡ଼ଙ୍ଗୀ, ସମ୍ପାଦକ ଦାମୋଦର ପଣ୍ଡା, ଭାଗୀରଥି ଆଚାର୍ଯ୍ୟ, ଅକ୍ଷୟ କୁମାର ମୁଦୁଲି, ଅନାଦି ଚରଣ ବାରିକ, ନିରଞ୍ଜନ ଘଡ଼ାଇ, ଦୁଷ୍ମନ୍ତ ନାୟକ, ଅଲେଖ ଚନ୍ଦ୍ର ସାମଲ, ଧନଞ୍ଜୟ ଶତପଥୀ, ସ୍ୱାଧୀନ ବିଶ୍ୱାଳ, ଧୀରେନ୍ଦ୍ର କୁମାର ମିଶ୍ର, ଜଗବନ୍ଧୁ ସେଠୀ, ଲକ୍ଷ୍ମୀଧର ସାହୁ ପ୍ରମୁଖ ଦାବି କରିଛନ୍ତି।

# ନାଉପାଳ ବୁଦ୍ଧ ବାଟିକାର ଜନ୍ମୋତ୍ସବ,ଚାରାରୋପଣ

ରସୁଲପୁର,୧୮।୮(ରଞ୍ଜିତ ରାଉତ):



ଚାରା ରୋପଣ କରାଯାଉଛି।

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ବଡକଇଁଚି ପଞ୍ଚାୟତ ନାଉପାଳ ଗ୍ରାମସ୍ଥିତ ବୁଦ୍ଧ ବାଟିକାର ୪ର୍ଥ ଜନ୍ମଉତ୍ସବ ଓ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ପରିବେଶ ସୁରକ୍ଷା ସଂଗ୍ରାମ ସମିତି ଅନୁକୁଲ୍ୟରେ ଅନୁଷ୍ଠିତ ସଭାରେ ସମିତିର ସଭାପତି ତଥା ଶିକ୍ଷାବିତ୍ ପ୍ରତାପ ରୁଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ପରିବେଶବିତ୍ ଗୋପିନାଥ ପତି, ସାମାଜିକ କର୍ମୀ ପହଲ୍ଲାଦ ପଣ୍ଡା, ଶିକ୍ଷାବିତ୍ ପ୍ରଦୀପ କୁମାର ସାମଲ, କଳ୍ପତରୁ ପଣ୍ଡା ,ମା ବାସୁଳାଇ ସ୍ୱୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ ଗୁଞ୍ଜରୀ ମଲିକ,ସମ୍ପାଦିକା ସୋଲି ମଲିକ ଯୋଗ ଦେଇ ପରିବେଶ ସୁରକ୍ଷା ଉପରେ ଆଲୋକପାତ କରିଥିଲେ । ୨୦୧୯ରେ ଆରମ୍ଭ କରାଯାଇଥିବା ଏହି ବାଟିକାର ନବକଳେବର ଦେଖି ସ୍ୱୟଂ ସହାୟିକା ଗୋଷ୍ଠୀ ଓ ସ୍ଥାନୀୟ ଗ୍ରାମବାସୀଙ୍କୁ ପ୍ରଶଂସା କରିଥିଲେ। ସମିତିର ଆବାହକ କୈଳାସ ଚନ୍ଦ୍ର ମଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଯୁବ ସଙ୍ଗଠକ ଅଭିମନ୍ୟୁ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ମଠସାହି ଛକ ନିକଟରେ ଚାରା ରୋପଣ କରାଯାଇଥିଲା । ଏଥିରେ କୁନି ମଲିକ, ପ୍ରମିଳା ମଲିକ, ବାସନ୍ତୀ ମଲିକ,ଶ୍ରୀମତୀ ମଲିକ, କବିତା ମଲିକ, ଡାଳିଆ ମଲିକ, ସ୍ଥାନୀୟ ଅଙ୍ଗନୱାଡି କର୍ମୀ ବିଭାସିନୀ ମଲିକ,ସାଗର ମଲିକ ପ୍ରମୁଖ ସହଯୋଗ କରିଥିଲେ ।

# କେନାଲ ସଫା ନ ହେବାରୁ ଚାଷୀ ହତାଶ

ଯାଜପୁର,୧୮।୮(ହର୍ଷବର୍ଦ୍ଧନ ବେହେରା)



ଚଳିତ ବର୍ଷ ଜୁନ ଓ ଜୁଲାଇରେ ଯାଜପୁର ଜିଲାରେ ନିଅଣ୍ଟିଆ ବର୍ଷା ଯୋଗୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏଭଳି ସ୍ଥିତିରେ ଜିଲାର ବିଞ୍ଝାରପୁର ଅନ୍ତର୍ଗତ ଗୁହାଳି, ଘଣ୍ଟିଆଳି ଓ କଏଣା ରଘୁନାଥପୁର ପଞ୍ଚାୟତରେ ଥିବା କେନାଲର ଉପରମୁଣ୍ଡରେ ପାଣି ନ ଆସିବାରୁ ଶତାଧିକ ଏକର ଚାଷ ଜମିରେ ତଳି ରୋପଣ ହେଇପାରୁନାହିଁ। ତଳମୁଣ୍ଡ କଏଣା ରଘୁନାଥପୁରର କେନାଲ ସଫେଇ ହେଇଥିଲେ ବି ତା' ଉପର ମୁଣ୍ଡରେ ଥିବା ଘଣ୍ଟିଆଳି ପଞ୍ଚାୟତର କେନାଲ ଦେଇ ପାଣି ନିଷ୍କାସନ ଭଲ ହୋଇପାରୁନାହିଁ। ଏହି କେନାଲର ସଫେଇ କାର୍ଯ୍ୟ ହୋଇ ନ ଥିବାରୁ ଏଭଳି ସ୍ଥିତି ଦେଖାଦେଇଥିବା ଚାଷୀମାନେ କହିଛନ୍ତି। ଏହାବାଦ୍ ଉକ୍ତ କେନାଲର ଅନେକ ସ୍ଥାନରେ ସ୍ଥାନୀୟ ଲୋକଙ୍କ ପାଇଖାନା ଟାଙ୍କି, ଗାଧୁଆଘର ପାଣି ଓ ବିଭିନ୍ନ ଅଳିଆ ଆବର୍ଜନା ପକେଇବା ଦ୍ୱାରା କେନାଲ ପୋତି ହୋଇ ପାଣି ଠିକ ଭାବେ ପ୍ରବାହିତ ହୋଇପାରୁନାହିଁ। ନିକଟ ଅତୀତରେ ଓଡ଼ିଶା କୃଷକ ବିକାଶ ମଞ୍ଚ ବିଞ୍ଝାରପୁର ଶାଖାର ଶତାଧିକ ଚାଷୀ ବିଞ୍ଝାରପୁର ଜଳ ସମ୍ପଦ ଉପଖଣ୍ଡ ସମ୍ମୁଖରେ ଏକ ପ୍ରତୀକାତ୍ମକ ଗଣଧାରଣା ଦେବା ପରେ ବିଭାଗୀୟ ଅଧିକାରୀ ଆବଶ୍ୟକ ପଦକ୍ଷେପ ନେବେ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏଯାଏ କେନାଲ ସଫା ହୋଇପାରିଲା ନାହିଁ କି ଉପର ମୁଣ୍ଡରୁ ପାଣି ମଧ୍ୟ ଆସିପାରିଲା ନାହିଁ। ଫଳରେ ବର୍ଷାକୁ ଅନେଇ ରହିଥିବା ଚାଷୀମାନେ ଚାଷ କାର୍ଯ୍ୟ କରି ନ ପାରି ମୁଣ୍ଡରେ ହାତଦେଇ ବସିଛନ୍ତି।

**ହୃଦ୍‌ଘାତରେ ଯୁବକଙ୍କ ମୃତ୍ୟୁ**

ରାଜକନିକା,(ରବୀନ୍ଦ୍ର କୁମାର ଦାସ ): ରାଜକନିକା ଥାନା ଅନ୍ତର୍ଗତ କାଳିକାପୁର ଗାଁର ସଞ୍ଜୟ ବିଶ୍ୱାଳ(୪୯) ରବିବାର ଘରେ ଥିବାବେଳେ ହଠାତ ତାଙ୍କ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ସଞ୍ଜୟଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।



# ଗୋଷ୍ଠୀ ଶୌଚାଳୟ ଭୂତକୋଠି ପାଲଟିଛି

■ପଟ୍ଟାମୁଣ୍ଡାଇ ପୌରପାଳିକା ବିନା ପ୍ଲାନରେ ଚାଲିଛି
■ସରକାରୀ ଯୋଜନା ପ୍ରହସନ

ପଟ୍ଟାମୁଣ୍ଡାଇ,୧୮।୮ (କଳ୍ପତରୁ ନାୟକ)




କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରପରିଷଦକୁ ୩୫ବର୍ଷ ପୂରିବା ପାଇଁ ଆଉ ଦିନ କେଇଟା ବାକି ଅଛି। ହେଲେ ଏହି ପୌରାଞ୍ଚଳରେ ଆବଶ୍ୟକ ମୁତାବକ ଉନ୍ନତି ଦେଖିବାକୁ ମିଳୁନାହିଁ। ସରକାରଙ୍କ ଯୋଜନାରେ ଏହି ପୌରାଞ୍ଚଳ ସାମିଲ ହୋଇଛି ସତ ହେଲେ ସରକାରୀବାବୁଙ୍କ ଠିକାଦାର ପ୍ରୀତି ଏଥିରେ ବାଧକ ସାଜୁଛି। ପରିମଳ ଠୁଁଆରମ୍ଭ କରି ସ୍ୱଚ୍ଛ ଭାରତ ମିଶନ ଦିଗହରା ହୋଇ ପଡ଼ିରହିଥିବା ବେଳେ ଅଧିକାଂଶ ଯୋଜନା ବିଫଳ ହେଉଥିବା ଦେଖିବାକୁ ମିଳିଛି। ସେଥିମଧ୍ୟରୁ ଗୋଟିଏ ହେଉଛି ସର୍ବସାଧାରଣ ଶୌଚାଳୟ। ବର୍ଷେ ପୂର୍ବରୁ ମୁକ୍ତା ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ବ୍ୟୟରେ ଏହି ଶୌଚାଳୟ ନିର୍ମାଣ ହୋଇ ୨୦୨୩ ସ୍ୱାୟତ୍ତ ଶାସନ ଦିବସରେ ଉଦ୍‌ଘାଟନ ହୋଇଥିଲା। ହେଲେ ବର୍ଷେ ବିତିବାକୁ ବସିଥିବା ବେଳେ କୌଣସି ଶୌଚାଳୟ କାର୍ଯ୍ୟକାରୀ ହୋଇ ନ ପାରି ତାଲା ପଡ଼ି ରହିଛି। ଫଳରେ ଏହା ଭୂତକୋଠି ପରି ଲାଗୁଛି ; ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ସାମାଜିକ କର୍ମୀ ପ୍ରବୀର ନାୟକ, ମାନବ ଅଧିକାର କର୍ମୀ ସୁଶାନ୍ତ କୁମାର ଧଳ, ସ୍ଥାନୀୟବାସୀ ଅନନ୍ତ ଦାଶ, ପ୍ରଦୀପ ସାମନ୍ତରାୟ, ରବୀନ୍ଦ୍ର ସାହୁ ପ୍ରମୁଖ କହିଛନ୍ତି, ପଟ୍ଟାମୁଣ୍ଡାଇ ପୌରାଞ୍ଚଳକୁ ସ୍ୱଚ୍ଛ ସୁନ୍ଦର ରଖିବା ପାଇଁ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନା ଅଧୀନରେ ୨୦୨୨-୨୩ ଆର୍ଥିକ ବର୍ଷରେ ପ୍ରତ୍ୟେକ ୱାର୍ଡ ଛକରେ ମହିଳାପୁରୁଷଙ୍କ ନିମନ୍ତେ ସର୍ବସାଧାରଣ ଶୌଚାଳୟ ନିର୍ମାଣ କରାଯାଇଥିଲା। ପୌର ପରିଷଦ ପକ୍ଷରୁ ସୂଚନା ଅନୁଯାୟୀ ଗୋଟିଏ ପାଇଖାନା ପାଇଁ ୧୨ଲକ୍ଷ ଟଙ୍କାରୁ ଆରମ୍ଭ କରି ୧୬ ଲକ୍ଷ ଯାଏ ଖର୍ଚ୍ଚ ହୋଇଥିଲା। ୨୦୨୩ ସ୍ୱାୟତ୍ତ ଶାସନ ଦିବସରେ ସେଗୁଡ଼ିକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଥିବାବେଳେ ତାହା ଏଯାଏ କାର୍ଯ୍ୟକ୍ଷମ ହୋଇପାରିନାହିଁ। ସରକାରଙ୍କ ଉଦ୍ଦେଶ୍ୟ ଠିକ୍ ଥିଲେ ବି ଦାୟିତ୍ୱରେ ଥିବା ଅଧିକାରୀ ଓ ଯନ୍ତ୍ରୀଙ୍କ ଲାଭଖୋର ମନୋବୃତ୍ତି ଯୋଗୁ ସେଗୁଡ଼ିକ କାର୍ଯ୍ୟକ୍ଷମ ହୋଇ ନ ପାରି ବର୍ଷେ ହେଲା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ବର୍ତ୍ତମାନ ଅନେକ ଶୌଚାଳୟର ଚାରି ପାର୍ଶ୍ୱରେ ଲଟା ବୁଦା ବଢ଼ି ଶୌଚାଳୟ ସମ୍ପୂର୍ଣ୍ଣ ଢାଙ୍କି ହୋଇ ରହିଛି। ଶୌଚାଳୟ ପାଖରେ ଥିବା ଜନସାଧାରଣଙ୍କ ଅଭିଯୋଗ ଅନୁଯାୟୀ, ଶୌଚାଳୟଗୁଡିକର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ବିଭାଗୀୟ ଯନ୍ତ୍ରୀ ସମ୍ପୂର୍ଣ୍ଣ ଦେଖାଇ ବିଲ୍ କରିଥିଲେ। ମାତ୍ର ଏଥିରେ ଉପରିସ୍ଥ ଅଧିକାରୀ ହସ୍ତକ୍ଷେପ ନ କରିବାରୁ ସରକାରୀ ଯୋଜନା ପ୍ରହସନରେ ପରିଣତ ହୋଇଛି ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରିଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ଶୌଚାଳୟ କାର୍ଯ୍ୟକ୍ଷମ ଲାଗି କେତେଗୋଟି ଗୋଷ୍ଠୀକୁ ଦାୟିତ୍ୱ ଦେବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି।

## ସରପଞ୍ଚ ସଂଘ ପକ୍ଷରୁ ସହାୟତା



ସରପଞ୍ଚମାନେ ବିପନ୍ନ ପରିବାରକୁ ସହାୟତା ପ୍ରଦାନ କରୁଛନ୍ତି।

■ ଭଉଣୀଭାଇ ଜୀବନ୍ତଦଗ୍ଧ ଘଟଣା

ରାଜନଗର, ୧୮।୮ (ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତର ବଳରାମପୁର ଗାଁର ସୁକାନ୍ତ ସାହାଣୀଙ୍କ ଝିଅ ଅନୁପମା(୧୧) ଓ ପୁଅ ସତ୍ୟରଞ୍ଜନ (୮) ସ୍ୱାଧୀନତା ଦିବସରେ ନିଆଁରେ ପୋଡ଼ି ହୋଇ ଜୀବନ୍ତ ଦଗ୍ଧ ହୋଇଥିଲେ। ଦୁବାଇରେ ଦାଦନ ଖଟୁଥିବା ସୁକାନ୍ତ ଏହି ଖବର ଜାଣିବା ପରେ ଗାଁରେ ପହଞ୍ଚିଛନ୍ତି। ସୁକାନ୍ତ ଗାଁରେ ପହଞ୍ଚିବା ପରେ ତାଙ୍କ ପାଟିରେ ଭାଷା ନାହିଁ। ସେ ମଧ୍ୟ କାନ୍ଦି କାନ୍ଦି ଅବାକ ହୋଇଯାଉଛନ୍ତି। ଏହି ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ରବିବାର ରାଜନଗର ସରପଞ୍ଚ ସଂଘ ବିପନ୍ନ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହିତ ସହାୟତା ପ୍ରଦାନ କରିଛନ୍ତି। ଡେରା ସରପଞ୍ଚ ନିରଞ୍ଜନ ରାଉତ, କୁରୁଣ୍ଟି ସରପଞ୍ଚ ସସ୍ମିତା ମହାନ୍ତି, ହାତିନା ସରପଞ୍ଚ ସମୀର ସେଠୀ, ବାଲିସାହିପାଟଣା ସରପଞ୍ଚ କୈଳାସ ଚନ୍ଦ୍ର ପରିଡ଼ା, ମହିଁଷାସୁର ସରପଞ୍ଚ ଅଶୋକ କୁମାର ମହାନ୍ତି, ସାନବଡଗୋପାଳପୁର ସରପଞ୍ଚ ଗୋଲେଖ ଚନ୍ଦ୍ର ସ୍ୱାଇଁ, ବ୍ରାହ୍ମଣସାହି ସରପଞ୍ଚ ବୀଣାପାଣି ପ୍ରଧାନ, ଭିତରଗଡ଼ ସରପଞ୍ଚ ଇତିଶ୍ରୀ ମହାପାତ୍ର, ଘଡିଆମାଳ ସରପଞ୍ଚ ଶୈଳେନ୍ଦ୍ର କୁମାର ମିଶ୍ର ପ୍ରମୁଖ ବିପନ୍ନ ପରିବାର ନିକଟରେ ପହଞ୍ଚିଥିଲେ। ସେହିପରି ରାମଚଣ୍ଡୀ ରାଇସ ମିଲ୍ ପକ୍ଷରୁ ବିପନ୍ନ ପରିବାରକୁ ଖାଦ୍ୟ ସାମଗ୍ରୀ ଓ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ରାଇସ୍ ମିଲର ମାଲିକ ସମୀର କୁମାର ସାହୁ ବିପନ୍ନ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇଛନ୍ତି।

## ଲୁହାରଡ଼୍‌ରେ ଯୁବକଙ୍କୁ ଆକ୍ରମଣ, ଜଣେ ଗିରଫ

ମାର୍ଶାଘାଇ, ୧୮।୮
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଥାନା ଅନ୍ତର୍ଗତ ଗରଜଙ୍ଗା ଗାଁରେ ଶନିବାର ସନ୍ଧ୍ୟାରେ ଜଣେ ଯୁବକଙ୍କୁ ଲୁହା ରଡ଼ରେ ଆକ୍ରମଣ କରିବା ଅଭିଯୋଗରେ ଜଣଙ୍କୁ ପୋଲିସ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ଗରଜଙ୍ଗା ଗାଁର କେଶବ ଦାସଙ୍କ ପୁଅ ବିଶ୍ୱରଞ୍ଜନ ଦାସ ସନ୍ଧ୍ୟାରେ ଦେବୀ ପ୍ରସାଦ ଦାସ ଓରଫ ଲିଟୁଙ୍କ ଘର ଆଗରେ ଯାଉଥିଲେ। ଲିଟୁ ତାଙ୍କୁ ଅଟକାଇ ଧମକ ଦେଇଥିଲେ। ସେ ଏ କଥାକୁ ଗୁରୁତ୍ୱ ନ ଦେଇ ଆଗକୁ ଚାଲି ଯାଉଥିବା ବେଳେ ଲିଟୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଏକ ଲୁହାରଡ଼୍‌ରେ ବିଶ୍ୱରଞ୍ଜନଙ୍କ ମୁଣ୍ଡରେ ଆଘାତ ଦେଇଥିଲେ। ଘଟଣା ସମ୍ପର୍କରେ ବିଶ୍ୱରଞ୍ଜନ ରବିବାର ସକାଳେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଆଇଆଇସି ପ୍ରଜ୍ଞା ପାରମିତା ଜେନା ଘଟଣାର ତଦନ୍ତ କରି ଅଭିଯୁକ୍ତ ଲିଟୁଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଲୁହାରଡ଼୍ ଜବତ କରିଛନ୍ତି। କେସ୍ ନଂ. ୧୫୧/୨୪ରେ ମାମଲା ରୁଜୁ ହୋଇଛି।



କଳ୍ପତରୁ ପ୍ରଶିକ୍ଷଣ କେନ୍ଦ୍ର ପକ୍ଷରୁ ଶ୍ରୀ ବଳଦେବ ଜୀଉଙ୍କ ଲାଗି ଲକ୍ଷେ ତୁଳସୀକୁ ଶୋଭାଯାତ୍ରାରେ ମନ୍ଦିରକୁ ନିଆଯାଉଛି।

## ନଦୀରେ ବୁଡ଼ି ନିଖୋଜ ଥିବା ଯୁବକଙ୍କ ମୃତଦେହ ଜବତ

ମାର୍ଶାଘାଇ, ୧୮।୮(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ଶନିବାର ମଧ୍ୟାହ୍ନରେ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ନରିଲୋ ଗ୍ରାମର ସସ୍ମିତ ଶେଖର ସ୍ୱାଇଁ ବସପୁର ନିକଟସ୍ଥ ଲୁଣା ନଦୀରେ ବୁଡ଼ି ଯାଇଥିଲେ। ବହୁ ଖୋଜାଖୋଜି ପରେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ରବିବାର ସନ୍ଧ୍ୟାରେ ମାର୍ଶାଘାଇ ଥାନା ଲୁଣା ବ୍ରିଜ ନିକଟସ୍ଥ କୁସୁନପୁରଠାରେ ଏକ ମୃତଦେହ ଭାସୁଥିବା ଦେଖି ଲୋକେ ଥାନା ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ପରିବାର ଲୋକେ ଖବରପାଇ ନଦୀ କୂଳରେ ପହଞ୍ଚିଥିଲେ। ଅଗ୍ନିଶମ ବାହିନୀ ମୃତଦେହକୁ ଉଦ୍ଧାର କରି କୂଳକୁ ଆଣିଥିଲେ। ପରିବାର ଲୋକେ ସସ୍ମିତଙ୍କ ମୃତଦେହକୁ ଚିହ୍ନଟ କରିଥିଲେ। ଖବର ଲେଖା ହେଲା ବେଳକୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିବାରୁ ପରିବାର ଲୋକେ ମୃତଦେହକୁ ଜଗି ରହିଛନ୍ତି।

## ଓଲଢ଼ି ମଠରେ ଝୁଲଣଯାତ୍ରା

ଡେରାବିଶ,୧୮।୮ (ବେବର୍ତ୍ତା ଅଜୟ ଦାସ)



ଡେରାବିଶ ବ୍ଲକ ଅଧୀନ ଚାଟରାଚକଡ଼ା ପଞ୍ଚାୟତ ଓଲଢ଼ି ମଠରେ ଗୁରୁବାର ସନ୍ଧ୍ୟାରେ ଆରମ୍ଭ ହୋଇଥିବା ଶ୍ରୀଗୋପୀନାଥଜୀଉଙ୍କ ଝୁଲଣ ଯାତ୍ରାର ରବିବାର ଥିଲା ୪ର୍ଥ ସନ୍ଧ୍ୟା। ବ୍ଲକ ଅଞ୍ଚଳର ବହୁ ପ୍ରାଚୀନ ଏହି ମଠର ଝୁଲଣ ଯାତ୍ରା ପ୍ରସିଦ୍ଧି ଲାଭ କରିଥିବା ବେଳେ ୫ଦିନ ଧରି ଶ୍ରୀଜୀଉଙ୍କ ଏହି ଯାତ୍ରା ସୋମବାର ଗହ୍ମା ପୂର୍ଣ୍ଣିମାରେ ଶେଷ ହେବ। ପ୍ରତ୍ୟହ ସନ୍ଧ୍ୟାରେ ବିଧି ଓ ପରମ୍ପରା ଅନୁଯାୟୀ ଘଣ୍ଟ, ସଂକୀର୍ତ୍ତନ ଓ ଶୋଭାଯାତ୍ରା ମଧ୍ୟରେ ସନ୍ଧ୍ୟା ଆଳତି ପରେ ଶ୍ରୀଜୀଉଙ୍କୁ ପହଣ୍ଡି କରାଯାଇ ଝୁଲଣ ମଣ୍ଡପକୁ ନିଆଯାଏ। ସେଠାରେ ଝୁଲଣ ଗୀତ, ଭଜନ ସଂକୀର୍ତ୍ତନ ସାଙ୍ଗକୁ ଭାଗବତ ପାରାୟଣ ପରିବେଶକୁ ଭକ୍ତିମୟ କରିଛି। ଚତୁର୍ଥ ସନ୍ଧ୍ୟାରେ ଝୁଲଣରେ ଶ୍ରୀଜୀଉଙ୍କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି। ଏହି କାର୍ଯ୍ୟକ୍ରମ ମଠ ପରିଚାଳନା କମିଟିର ଟ୍ରଷ୍ଟି ହଳଧର ଦାଶଙ୍କ ତତ୍ତ୍ୱାବଧାନରେ ଓଲଢି ଓ ଫକୀରାବାଦ ଗ୍ରାମବାସୀଙ୍କ ଦ୍ୱାରା ପରିଚାଳିତ ହେଉଛି।

## ରାଜନଗର ଓଷ୍ଟା ସଂଘ ପକ୍ଷରୁ ସାମ୍ବିଧାନିକ ସମ୍ମିଳନୀ

ରାଜନଗର, ୧୮।୮
(ଭାସ୍କର ରାଉତରାୟ)




ସମ୍ମିଳନୀରେ ଯୋଗ ଦେଇଥିବା ଓଷ୍ଟାର କର୍ମକର୍ତ୍ତାମାନେ।

ରାଜନଗର ବ୍ଲକ ଘଡ଼ିଆମାଳ ହାଇସ୍କୁଲ ପରିସରରେ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା)ର ବ୍ଲକସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ବିଚିତ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା ପୂର୍ବତନ ସମ୍ପାଦକ ତପନ ସିଂ, ସହସମ୍ପାଦକ ନିର୍ମଳ କୁମାର ନାୟକ, ସଭାପତି ପ୍ରମୋଦ କୁମାର ବେହେରା, ଉପସଭାପତି ମହେଶ୍ୱର ରାଉତ, ପୂର୍ବତନ ଜିଲା ସଭାପତି କ୍ଷୀରୋଦ କୁମାର ମଲ୍ଲିକ, ପୂର୍ବତନ ବ୍ଲକ ସମ୍ପାଦକ ସୀତାକାନ୍ତ ରାଉଳ, ଓଷ୍ଟାର ରାଜ୍ୟ ସମ୍ପାଦକ ପ୍ରଣବ କୁମାର ଜେନା, ବ୍ଲକ ସଂଯୋଜକ ବାବାଜୀ ଚରଣ ଦାସ, ଦିଲୀପ ରାଉତ, ରାଜକନିକା ବ୍ଲକ ସଂଯୋଜକ ଅରବିନ୍ଦ ନାୟକ, ରାଜନଗର ବ୍ଲକ ପୂର୍ବତନ ସମ୍ପାଦକ ସର୍ବେଶ୍ୱର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସେମାନେ ଶିକ୍ଷକ, ଶିକ୍ଷାୟତନ ତଥା ସମାଜସେବା କ୍ଷେତ୍ରରେ ଓଷ୍ଟା ସଂଘର ସମୟୋପଯୋଗୀ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରିଥିଲେ। ବ୍ଲକ ସମ୍ପାଦକ ବିରଞ୍ଚି ପ୍ରସାଦ ଜେଠୀ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଉପସଭାପତି ଶୁଭ୍ରଜ କୁମାର ବରାଳ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ନୂତନ କମିଟିରେ ସଭାପତି ଭାବେ ମାନସ ରଞ୍ଜନ ମିଶ୍ର, ଉପସଭାପତି ଭାବେ ସଞ୍ଜୁଲତା ଜେନା, ସମ୍ପାଦକ ଭାବେ ସମୀରଣ ମଣ୍ଡଳ, ଯୁଗ୍ମ ସମ୍ପାଦକ ଭାବେ କୈଳାସ ଚନ୍ଦ୍ର କୁଣ୍ଡ, ବିରଞ୍ଚି ନାରାୟଣ ବେହେରା, କ୍ଷୀତିଶ କୁମାର ପାତ୍ର, ରାଜ୍ୟ ପରିଷଦର ସଭ୍ୟ ଭାବେ ଅରବିନ୍ଦ ପ୍ରଧାନ, ବିଦ୍ୟୁତ୍ କୁମାର ଦାସ, କମଳାକନ୍ତ ପରିଡ଼ା, ଜିଲାପରିଷଦ ସଭ୍ୟ ଭାବେ ଶୁଭ୍ରଜ କୁମାର ବରାଳ, ପ୍ରମୋଦ କୁମାର ପଣ୍ଡା, ରାମାସ୍ୱାମୀ ଲେଙ୍କା, ବିଚିତ୍ର କୁମାର ସାମଲ, ଅପୂର୍ବ କୁମାର ରାଉଳଙ୍କୁ ସର୍ବ ସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ତଥା ଶିକ୍ଷା କର୍ମଚାରୀମାନେ ଯୋଗଦେଇଥିଲେ।

## ପ୍ରବଚକ ରାଧାରମଣଙ୍କ ବିୟୋଗ

ଆଳି,୧୮।୮(ବନମାଳୀ ସେନାପତି)

ଆଳି ବ୍ଲକର ସହିରା ଗ୍ରାମର ପ୍ରବଚକ ପଣ୍ଡିତ ରାଧାରମଣ ଦାଶ(୭୩)ଙ୍କର କଟକର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। କିଛି ମାସ ହେବ ଶାରୀରିକ ଅସୁସ୍ଥତା ଯୋଗୁ ଦାଶ ଚିକିତ୍ସିତ ହେଉଥିଲେ। ଏକାଧାରରେ ସେ ଜଣେ ପୂଜକ, ପାଲା ଗାୟକ ଏବଂ ସୁଦକ୍ଷ ପ୍ରବଚକ ଭାବେ ତାଙ୍କର ଅନେକ ସୁନାମ ଥିଲା। ତାଙ୍କ ମୃତ୍ୟୁ ଖବରପାଇ ସହିରା ସରପଞ୍ଚ ହେମନ୍ତ ମହାନ୍ତି, ସମିତିସଭ୍ୟ ଏକଲବ୍ୟ ପାତ୍ର, ନଳିନୀକାନ୍ତ ପାତ୍ର, ପ୍ରଫେସର ମନ୍ମଥ ପାତ୍ର, ଶିକ୍ଷକ ତ୍ରୈଲୋକ୍ୟ ସ୍ୱାଇଁ, ସାମାଜିକ କର୍ମୀ ରଞ୍ଜିତ କୁମାର ଜେନା ଓ ଗ୍ରାମବାସୀ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କର ନିଜସ୍ୱ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏକମାତ୍ର ପୁତ୍ର ଦେବାଶିଷ ମୁଖାଗ୍ନି ଦେଇଥିଲେ।

## ଦରମୁଣ୍ଡ ଗାଁରେ ସ୍ୱାସ୍ଥ୍ୟସେବା ଶିବିର

ମାର୍ଶାଘାଇ, ୧୮।୮
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଦରମୁଣ୍ଡ ଗାଁରେ ସାଇ ରୁଦ୍ର ହସ୍ପିଟାଲ ଦୁହୁରିଆ ଓ ଗ୍ରାମର ଲକ୍ଷ୍ମୀନାରାୟଣ ଯୁବ ପରିଷଦର ମିଳିତ ସହଯୋଗରେ ଏକ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିଳିପୁର ପଞ୍ଚାୟତ ଓ ଆଖପାଖ ଗ୍ରାମର ଶତାଧିକ ଲୋକ ଯୋଗଦେଇ ନିଜ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କଟକରୁ ଆସିଥିବା ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ବଣ୍ଟନ କରିଥିଲେ। ମେଡ଼ିସିନ ବିଭାଗ ଡା. ସନ୍ଦୀପ ଲେଙ୍କା ରୋଗୀମାନଙ୍କୁ ପରାମର୍ଶ ଦେଇଥିବା ବେଳେ ଶିଶିର ବେଉରା ଶିବିର ପରିଚାଳନା କରିଥିଲେ।

## ବିଦ୍ୟୁତ୍ ଶର୍ଟସର୍କିଟରୁ ନିଆଁ ଲାଗି ଜଳିଗଲା ୨ବଖରା

ରାଜକନିକା,୧୮।୮(ରବୀନ୍ଦ୍ର କୁମାର ଦାସ)

ରାଜକନିକା ଥାନା ଅନ୍ତର୍ଗତ ପାରିନୂଆପଡ଼ା ପଞ୍ଚାୟତ ହାବଳଗଣ୍ଡ ପାଟଣା ଗାଁରେ ରବିବାର ଅପରାହ୍ନରେ ପ୍ରମିଳା ବେହେରାଙ୍କ ୨ ବଖରା ବିଦ୍ୟୁତ୍ ଶର୍ଟସର୍କିଟରୁ ନିଆଁ ଲାଗି ଜଳିଯାଇଛି। ଘରେ ଥିବା ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ରାଜକନିକା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ଅଗ୍ନି ପ୍ରପୀଡ଼ିତଙ୍କୁ ସରକାରୀ ସହାୟତା ପାଇଁ ସାଧାରଣରେ ଦାବି ହୋଇଛି।

## ପଲ୍ଲୀମଙ୍ଗଳ ଯୁବକ ସଂଘର ୭୫ତମ ବାର୍ଷିକୋତ୍ସବ

ଡେରାବିଶ, ୧୮।୮(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ମଙ୍ଗଳପୁର ପଞ୍ଚାୟତ ହଳଦିଆପାଟଣାସ୍ଥିତ ପଲ୍ଲୀମଙ୍ଗଳ ଯୁବକ ସଂଘର ୭୫ତମ ବାର୍ଷିକୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ସରୋଜକାନ୍ତ ସାହୁ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ପଣ୍ଡିତ ହୃଷୀକେଶ ରଥ ମୁଖ୍ୟ ଅତିଥି ଓ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ, ଯେଉଁଦିନ ପ୍ରତ୍ୟେକ ଭାରତବାସୀଙ୍କ ପେଟକୁ ଦାନା, ଦେହକୁ ବସ୍ତ୍ର ଓ ରହିବାକୁ ଏକ ଘର ମିଳିଯିବ ଏବଂ ସମସ୍ତଙ୍କ ଓଠରେ ହସ ଫୁଟିଉଠିବ ସେହିଦିନ ହିଁ ଅସଲ ସ୍ୱାଧୀନତା ମିଳିବ। ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ସଂଘର ପୂର୍ବତନ ସଭାପତି ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ଦାସ, ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ ଅରକ୍ଷିତ ପରିଡ଼ା ଓ ପୂର୍ବତନ ଜିଲା ପରିଷଦ ସଭ୍ୟ ଭବାନୀ ପ୍ରସାଦ ଓଝାଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବର ପ୍ରାରମ୍ଭରେ ଯୁବକ ସଂଘର କର୍ମକର୍ତ୍ତା ଗୌରାଙ୍ଗ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂଘ କର୍ମକର୍ତ୍ତା ସରୋଜକାନ୍ତ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ସଂଘ କର୍ମକର୍ତ୍ତା ସୁବାସ ସାହୁ ଧନ୍ୟବାଦ ଦେଇଥିଲେ।

## ଆଦିବାସୀ ପଡ଼ାରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଆଳି,୧୮।୮(ବନମାଳୀ ସେନାପତି )

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଆଳି ଖଣ୍ଡ ପକ୍ଷରୁ ଗୁରୁବାର ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ-ଚାନ୍ଦବାଲି ରାସ୍ତାର ଶାସନ ନିକଟବର୍ତ୍ତୀ ୫୪ ମାଇଲଠାରେ ଥିବା ଏକ ଆଦିବାସୀ ପଡ଼ାରେ ରହୁଥିବା ଆଦିବାସୀମାନଙ୍କ ପାଇଁ ଶିବିର ଆୟୋଜନ ହୋଇଥିଲା। ଏଥିରେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସୁଶ୍ରୀ ପ୍ରଗତି ପ୍ରିୟମ୍ବଦା ପରୀକ୍ଷା କରି ଆବଶ୍ୟକ ଔଷଧ ମାଗଣାରେ ବିତରଣ କରିଥିଲେ। ଶିବିରରେ ୧୬ ପୁରୁଷ, ୨୩ ମହିଳା ଓ ୧୨ ଶିଶୁଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହା ଆଳି ଖଣ୍ଡର ସେବା ପ୍ରମୁଖ ପ୍ରଶାନ୍ତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସହ ପ୍ରାନ୍ତ ବୌଦ୍ଧିକ ପ୍ରମୁଖ ବିଶ୍ୱମ୍ଭର ପାଣି, କେନ୍ଦ୍ରାପଡ଼ା ଜିଲା ସଂଘ ଚାଳକ ବିରଞ୍ଚି ନାରାୟଣ ମହାପାତ୍ର, ଆଳି ଖଣ୍ଡର ବୌଦ୍ଧିକ ପ୍ରମୁଖ ପ୍ରଦୀପ୍ତ କୁମାର ବେହେରା, ଗୟାଧର ରଥ, ଶୁଶାନ୍ତ କୁମାର ବିଶ୍ୱାଳ, ବିକ୍ରମ କେଶରୀ ଧଳ ପ୍ରମୁଖ ସହଯୋଗ କରିଥିଲେ।

## କୃଷି, ପାନୀୟ ଜଳ ଉପରେ ଗୁରୁତ୍ୱ

■ଗରଦପୁର ପଞ୍ଚାୟତ ସମିତିର ୪ର୍ଥ ସାଧାରଣ ବୈଠକ
■କନିଷ୍ଠ ଯନ୍ତ୍ରୀଙ୍କ ଉପରକୁ ଡାଇରି ଫିଙ୍ଗିଲେ ସମିତି ସଭ୍ୟ

ପାଟକୁରା,୧୮।୮(ରବୀନ୍ଦ୍ର ନାଥ ବାରିକ)




ବୈଠକରେ ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ସମେତ ଅଧିକାରୀମାନେ।

ଗରଦପୁର ପଞ୍ଚାୟତ ସମିତିର ୪ର୍ଥ ସାଧାରଣ ବୈଠକ ବର୍ଷେ ପରେ ବ୍ଲକ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକରେ ଅଧ୍ୟକ୍ଷ ଅଭୟ କୁମାର ମହାରାଜ ଅଧ୍ୟକ୍ଷତା କରିଥିବାବେଳେ ଏଥିରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଯୋଗଦେଇଥିଲେ। ଗରଦପୁର ବ୍ଲକରେ ସରକାରଙ୍କ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିଜିଲାରେ ଅଗ୍ରଗାମୀ କରାଇବାକୁ ସମସ୍ତ ସଦସ୍ୟଙ୍କ ସହଯୋଗ କାମନା କରିଥିଲେ। ବୈଠକ ପ୍ରାରମ୍ଭରେ ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ପଞ୍ଚାୟତ ଅଧିକାରିଣୀ ପାର୍ବତୀ ବାରିକ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ତେବେ କୃଷି ଓ ମେଗା ପାନୀୟ ଜଳ ପ୍ରକଳ୍ପକୁ ନେଇ ଗୃହରେ ସଭ୍ୟମାନେ ସରଗରମ ଆଲୋଚନା କରିଥିଲାବେଳେ ବିଲ୍ ପୈଠ କରିବାରେ ଅହେତୁକ ବିଳମ୍ବ କରୁଥିବାରୁ ଜଣେ ସମିତି ସଭ୍ୟ କନିଷ୍ଠ ଯନ୍ତ୍ରୀଙ୍କ ଉପରକୁ ଡାଇରି ଫିଙ୍ଗି ଥିଲେ।

ଗରଦପୁର ବ୍ଲକରେ କୃଷି ବିଭାଗ ଯୋଗାଇ ଦେଉଥିବା ବିହନ ନିମ୍ନମାନର ଯୋଗୁ ଚାଷୀମାନେ କ୍ଷତିଗ୍ରସ୍ତ ହେଉଥିବା ସଭ୍ୟମାନେ ଅଭିଯୋଗ କରିଥିଲେ। ପଦ୍ମପୁର, ଗରଦପୁର ଆଦି ପଞ୍ଚାୟତ ସାଲାଇନ ବେଲ୍ଟ ନୁହେଁ। ଦୀର୍ଘବର୍ଷ ଧରି ସାଲାଇନ ବେଲ୍ଟ ଦର୍ଶାଯାଇଥିବାରୁ ଚାଷୀମାନଙ୍କୁ ସରକାରୀ ବୋରିଂ କରିବା ସୁଯୋଗ ମିଳୁନାହିଁ ବୋଲି ଜିଲାପରିଷଦ ସଦସ୍ୟ ସତ୍ୟାନନ୍ଦ ରାଉତ, ସରପଞ୍ଚ ସନ୍ତୋଷ ମାହାଳି, ସଭ୍ୟ ଦିଲୀପ କୁମାର ସାହୁ ପ୍ରମୁଖ ଦାବି କରିଥିଲେ। ବ୍ଲକରେ ୯ ହଜାର ହେକ୍ଟର ଚାଷ ଜମିରୁ ୪ ହଜାର ହେକ୍ଟରରେ ମୁଗ, ବିରି ଓ ଚିନାବାଦାମ ଚାଷ ହେଉଛି। ହେଲେ ଏହାର ତଦାରଖ କରିବାକୁ କୃଷି ବିଭାଗରେ ୯ଜଣରୁ ମାତ୍ର ୨ ଜଣ ଗ୍ରାମ୍ୟ କୃଷି କର୍ମଚାରୀ ଥିବା ବ୍ଲକ କୃଷି ଅଧିକାରୀ ଗୌତମ ଦାସ କହିଥିଲେ। ଏଥିସହ ୩ ବର୍ଷ ତଳେ ବର୍ଷାରେ ଭଗବାନପୁର ଗାଁର କ୍ଷତିଗ୍ରସ୍ତ ଧାନ ଫସଲର କ୍ଷତିପୂରଣ ଆଜି ସୁଦ୍ଧା ତହସିଲ ପକ୍ଷରୁ ମିଳି ନ ଥିବା ଜିଲାପରିଷଦ ସଭ୍ୟ ରାଉତ ଅଭିଯୋଗ କରିଥିଲେ। ଏହାଛଡ଼ା ବ୍ଲକରେ ମେଗା ପାନୀୟ ଜଳ ପ୍ରକଳ୍ପ କଚ୍ଛପ ଗତିରେ ଚାଲୁଥିବା ନେଇ ଗୃହରେ ସଭ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ଆସନ୍ତାବର୍ଷ ସେପ୍ଟେମ୍ବର ସୁଦ୍ଧା ପ୍ରକଳ୍ପ ଶେଷ ହେବ ବୋଲି କନିଷ୍ଠ ଯନ୍ତ୍ରୀ କହିଥିଲେ। ପାନୀୟ ଜଳ ଯୋଗାଣ ପାଇଁ ଯେଉଁ ପାଇପ ଲାଇନ ବିଛା ଯାଇଛି, ତାହା ଏକ ମିଟର ଗଭୀର ଖୋଳାହେବାକୁ ନିୟମ ରହିଛି। କିନ୍ତୁ ଠିକାଦାରମାନେ ମାତ୍ର ଫୁଟେ କି ୨ ଫୁଟ ଖୋଳି ଠକି ଚାଲିଥିବା ନେଇ ବିଧାୟକ ଗୃହକୁ ଅବଗତ କରିବା ସହ ଉଦ୍‌ବେଗ ପ୍ରକାଶ କରିଥିଲେ। ସେହିପରି ପାଇପ ପୋତିବା ପରେ ଖୋଳାଯାଇଥିବା ରାସ୍ତାକୁ ପୋତିବା ସହ କଂକ୍ରିଟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ବଙ୍ଗାଳପୁର ସରପଞ୍ଚ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବହୁ ହିତାଧିକାରୀ ଘର ପାଇ ନ ଥିବା ନେଇ କହିଥିଲେ। ପାଟକୁରା ପଞ୍ଚାୟତର ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟରେ କରାଯାଇଥିବା ୫ଟି କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଠିକାଦାରକୁ ସମ୍ପୂର୍ଣ୍ଣ ବିଲ୍ ପୈଠ ହେଉନାହିଁ ବୋଲି ପାଟକୁରା ସମିତିସଭ୍ୟ ରାକେଶ ମହାପାତ୍ର ଅଭିଯୋଗ କରିଥିଲେ। କନିଷ୍ଠ ଯନ୍ତ୍ରୀ ରବି ନାରାୟଣ ସ୍ୱାଇଁ ଉତ୍ତର ଦେଉଥିବାବେଳେ ଏଥିରେ ଅସନ୍ତୁଷ୍ଟ ହୋଇ ସମିତି ସଭ୍ୟ ମହାପାତ୍ର ତାଙ୍କ ଉପରକୁ ଏକ ଡାଇରି ଫିଙ୍ଗିଥିଲେ। ସେହିପରି ଗରଦପୁର ସରପଞ୍ଚ ଅନିତା ମାହାଳି ପଞ୍ଚାୟତରେ ଥିବା ଦିଗି ପୋଖରୀର ପୁନରୁଦ୍ଧାର ଓ ପର୍ଯ୍ୟଟନସ୍ଥଳୀରେ ଅନ୍ତର୍ଭୁକ୍ତ କରିବାକୁ ପ୍ରସ୍ତାବ ଦେଇଥିଲେ। ମିଶନ ଶକ୍ତି କର୍ମଚାରୀମାନେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କଠାରୁ ପ୍ରତି ମାସରେ ୩୦ଟଙ୍କା ଆଦାୟ କରୁଥିବା ନେଇ ପାଟକୁରା ସରପଞ୍ଚ ଗୀତାଞ୍ଜଳି ମହାନ୍ତି ଅଭିଯୋଗ କରିଥିଲେ। ଚଳିତବର୍ଷ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସରପଞ୍ଚ, ସମିତିସଭ୍ୟ ମିଳିମିଶି ଅଧିକ କାମ କରିବାକୁ ବିଡିଓ ନାୟକ କହିଥିଲେ। ହେଲେ ସରପଞ୍ଚ ଅମୀୟ କୁମାର ଜେନା, ରଞ୍ଜନ ନାୟକ, ସନ୍ତୋଷ ମାହାଳି ପ୍ରମୁଖ ପ୍ରତିବାଦ କରି ଆମର ଉକ୍ତ କାମ କରିବାର ନାହିଁ, କାରଣ ପୂର୍ବ କାମର ବିଲ୍ ଅଦ୍ୟାବଧି ମିଳିନାହିଁ। ବୈଠକରେ ଉପସ୍ଥିତ ଥିବା ଏମ୍‌ପିଙ୍କ ପ୍ରତିନିଧି ବିଜୟ ନାୟକ ଏମ୍‌ପିଙ୍କୁ ଅବଗତ କରାଇ ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି କହିଥିଲେ। ଏଥିରେ ଜିଲା ପରିଷଦ ସଦସ୍ୟା ଏଲିଜା ସ୍ୱାଇଁ, ସମସ୍ତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଳସେଚନ, ଜଳ ନିଷ୍କାସନ, ଉଠା ଜଳସେଚନ, ବିଦ୍ୟୁତ, କୃଷି, ମତ୍ସ୍ୟ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ଲକ ଉପାଧ୍ୟକ୍ଷା ସୌଦାମିନୀ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବନ୍ଧରେ ବୁଡ଼ି ଯୁବକ ମୃତ

ପାରଳାଖେମୁଣ୍ଡି, ୧୮।୮ (ଗିରିଧାରୀ ପରିଛା)

ପାରଳାଖେମୁଣ୍ଡିସ୍ଥିତ ରାଜୁଗୁରୁ ସାହି ନିକଟସ୍ଥ ସଦରା ବନ୍ଧରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ନିଖିଳ ପଟ୍ଟନାୟକ ବଡ଼ ବ୍ରାହ୍ମଣ ସାହି ବାସିନ୍ଦା ବୋଲି ଜଣାପଡୁଛି। ରବିବାର ବନ୍ଧରେ ଶୌଚ ହୋଇ ଗାଧୋଇବା ପାଇଁ ଆସିଥିଲେ। ଦୀର୍ଘ ସମୟ ଧରି ଯୁବକ ଜଣକ ନଦେଖାଯିବାରୁ ସ୍ଥାନୀୟ ଲୋକେ ପୋଲିସ ଓ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ଘଟଣା ସ୍ଥଳରେ ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ଖୋଜାଖୋଜି କରିବା ସମୟରେ ନିଖିଳଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଘୁମୁସର ଜିଲା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ଭଞ୍ଜନଗର, ୧୮।୮ (ବାବୁଲା ପ୍ରଧାନ)

ଘୁମୁସର ଜିଲା ଗଠନ ନିମନ୍ତେ ନୂତନ ସରକାରଙ୍କୁ ଚିଠି ଲେଖା ଅଭିଯାନ ପୁଣି ଆରମ୍ଭ ହୋଇଛି। ଭଞ୍ଜନଗର ଉପଖଣ୍ଡର ୮ ବ୍ଲକ ଓ ୫ଟି ଏନ୍‌ଏସିକୁ ନେଇ ସ୍ୱତନ୍ତ୍ର ଘୁମୁସର ଜିଲା ଗଠନ ନିମନ୍ତେ ଦୀର୍ଘ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ଦିନ ଧରି ବିଭିନ୍ନ ସଙ୍ଗଠନ ଏହି ପ୍ରସ୍ତାବ ନେଇ ସ୍ୱର ଉତ୍ତୋଳନ କରିବା ସହ ବିଭିନ୍ନ ସମୟରେ ଆନ୍ଦୋଳନ କରିଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ଉପଖଣ୍ଡର ବିଭିନ୍ନ ବ୍ଲକର ଯୁବ ଗୋଷ୍ଠୀଙ୍କୁ ନେଇ ଗଢି ଉଠିଥିବା 'ଘୁମୁସର ବାହିନୀ' ଚିଠି ଲେଖା ଏବଂ ଦସ୍ତଖତ ଅଭିଯାନ କରିଆସୁଛି। ଭଞ୍ଜନଗର ବସଷ୍ଟାଣ୍ଡ ନିକଟରେ ଆୟୋଜିତ ଚିଠି ଲେଖା ଅଭିଯାନରେ ଅଞ୍ଚଳବାସୀଙ୍କ ସମର୍ଥନ ଦେଖିବାକୁ ମିଳିଥିଲା। ଜନସାଧାରଣଙ୍କ ଆନ୍ତରିକତା ଓ ସମସ୍ୟାକୁ ହୃଦୟଙ୍ଗମ କରି ସରକାର ସ୍ୱତନ୍ତ୍ର ଘୁମୁସର ଜିଲା ଘୋଷଣା କରିବା ଦିଗରେ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଅଞ୍ଚଳବାସୀ ଅନୁରୋଧ କରିଛନ୍ତି। ପ୍ରାୟ ୨୧୦ ଖଣ୍ଡ ଚିଠି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଲେଖାଯାଇଛି। ଏହାକୁ ଘୁମୁସର ବାହିନୀ ସମ୍ପାଦକ ନଚିକେତା ପ୍ରଧାନ ପରିଚାଳନା କରିଥିବା ବେଳେ ଗୋବିନ୍ଦ ଗୌଡ଼, ନିଲୁ ବିଷୋୟୀ, ଅରକ୍ଷିତ ପରିଛା, ଜୟକୃଷ୍ଣ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

### ଶିକ୍ଷା ବିଭାଗ ସମୀକ୍ଷା ବୈଠକ

ଦିଗପହଣ୍ଡି, ୧୮।୮ (ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟରେ ଶନିବାର ଶିକ୍ଷା ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟ ସଭାଗୃହ ପରିସରରେ ଆୟୋଜିତ ବୈଠକରେ ବିଡ଼ିଓ ଡ. ଚିତ୍ତରଞ୍ଜନ ଦାସ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଶିକ୍ଷାଧିକାରୀ କୋରେଶ ସେଠୀଙ୍କ ଉପସ୍ଥିତିରେ ବିଭିନ୍ନ ଏଜେଣ୍ଡାଗୁଡିକ ଆଲୋଚନା ହୋଇଥିଲା। ଏଥିସହ ବିଡ଼ିଓ ଶିକ୍ଷା ବିଭାଗ ଅଧିକାରୀମାନଙ୍କ ସହଯୋଗରେ ବ୍ଲକ ଅଧିନସ୍ଥ ବିଭିନ୍ନ ବିଦ୍ୟାଳୟର ଶୈକ୍ଷିକ ଆବଶ୍ୟକତା ଅନୁଯାୟୀ ଅତିରିକ୍ତ ଶ୍ରେଣୀ ଗୃହଠାରୁ ଆରମ୍ଭ କରି ପାଇଖାନା, ପାଚେରୀ ନିର୍ମାଣ, ପିଇବା ପାଣି ଏବଂ ଶିକ୍ଷା ବର୍ଷ ୨୦୨୩-୨୪ ନିମନ୍ତେ ଆସିଥିବା ବିଦ୍ୟାଳୟର ଭିତ୍ତିଭୂମି ଅନୁଦାନର ସଠିକ ବିନିଯୋଗ କରି ପାଣ୍ଠି ବ୍ୟୟ ତାଲିକା ଯଥା ସମୟରେ ପ୍ରଦାନ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସେହିପରି ସିଡିପିଓ ପୁଷ୍ପାଞ୍ଜଳି ଶତପଥୀ, କନିଷ୍ଠ ଯନ୍ତ୍ରୀ ଇଂ. ସୁବ୍ରତ ମହାରଣା, ଏବିଇଓ ବାଳା ମାଝୀ, ରସାନନ୍ଦ ଘଡେଇ, ବିଶ୍ୱବା ପାଇକ ବୈଠକରେ ଉପସ୍ଥିତ ରହି ସବିଶେଷ ଆଲୋଚନା କରିବା ସହ ଏଫ୍‌ଏଲ୍‌ଏନ୍ ଆଧାରିତ ଶିକ୍ଷା ନିମନ୍ତେ ସିଆରସିସିମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। ବୈଠକରେ ସମସ୍ତ ସିଆରସିସି, ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ କର୍ମଚାରୀ ଉପସ୍ଥିତ ଥିଲେ।

### ବିଦ୍ୟାଳୟରେ ଚାରାରୋପଣ

ବେଲଗୁଣ୍ଠା, ୧୮।୮ (କୃଷ୍ଣଚନ୍ଦ୍ରପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ ନାଟଙ୍ଗା ଉଚ୍ଚ ବିଦ୍ୟାଳୟ ପରିସରରେ ଏଲ୍ ଆଣ୍ଡ୍‌ଟି କନଷ୍ଟ୍ରକଶନ ଆନୁକୂଲ୍ୟରେ ଏକ ମେଗା ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ଘଡେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏଲ୍ ଆଣ୍ଡ୍‌ଟି କନଷ୍ଟ୍ରକଶନ୍ ପ୍ରୋଜେକ୍ଟ ମ୍ୟାନେଜର୍, ଆକାଉଣ୍ଟସ ମ୍ୟାନେଜର୍, ସେଫ୍ଟି ମ୍ୟାନେଜର୍ ଏବଂ ବହୁ କର୍ମଚାରୀ ଉପସ୍ଥିତ ଥିଲେ। ଇକୋ କ୍ଲବ ଇନଚାର୍ଜ ଶିକ୍ଷକ ମାନସ ମହାନ୍ତି ଏବଂ ପ୍ରଭାତ ଗୌଡ଼ଙ୍କ ତତ୍ତ୍ୱାବଧାନରେ ଚାରାରୋପଣ କରାଯାଇଥିଲା।

# ଅବ୍ୟବସ୍ଥାରେ ସୋରଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ

ସୋରଡା, ୧୮।୮ (ରଜନୀକାନ୍ତ ମହାପାତ୍ର)

ଗଞ୍ଜାମ ଜିଲା ସୋରଡ଼ାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପରିବେଶ ଅସ୍ୱାସ୍ଥ୍ୟକର ହୋଇପଡ଼ିଛି। ୫-ଟି ଯୋଜନାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ଭିତ୍ତିଭୂମିରେ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇଥିଲା ଭଳି ମନେ ହେଉନାହିଁ। ପୂର୍ବରୁ ଥିବା ବିଜେଡି ସରକାର ୫-ଟି ନାମରେ ବିଦ୍ୟାଳୟର ରୂପାନ୍ତରଣ ଆରମ୍ଭ କରିଥିଲେ। ଠିକାଦାର ସବୁ ଭାଙ୍ଗି ରୂପାନ୍ତରଣ କଲେ, କିନ୍ତୁ ପରିଶ୍ରାଗାର କଲେ ନାହିଁ। ପାଖାପାଖି ଏକ ବର୍ଷ ବିତିଗଲାଣି, କିନ୍ତୁ ଏହି ବାଳିକା ଉଚ୍ଚ ବିଦ୍ୟାଳୟରେ ପିଲାଙ୍କ ପାଇଁ ଗୋଟିଏ ପରିଶ୍ରାଗାରଟିଏ ମଧ୍ୟ ହେଇପାରିଲା ନାହିଁ। ସେହିପରି ବିଦ୍ୟାଳୟର ପରିବେଶ ଏକ ପ୍ରକାର ଜଙ୍ଗଲମୟ ହୋଇପଡ଼ିଛି। ଚାରିଆଡେ ଗଛଲତା, ଆଉ ଅଳିଆଗଦା। ଗତ କିଛି ବର୍ଷ ତଳେ ରାଜ୍ୟ ସରକାର ୧୦୦ ମିଟର ପରିଧି ମଧ୍ୟରେ ଥିବା ବିଦ୍ୟାଳୟଗୁଡିକର ମିଶ୍ରଣ ପ୍ରକ୍ରିୟା ଆରମ୍ଭ କରିଥିଲେ ଏବଂ ଏହି ଯୋଜନାରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ଶଶିଭୂଷଣ ଉଚ୍ଚ ବିଦ୍ୟାଳୟରେ ମିଶାଇ ଦିଆଗଲା। ବର୍ତ୍ତମାନ ଏହି ବାଳିକା ଉଚ୍ଚ ବିଦ୍ୟାଳୟର ସ୍ଥାୟୀ ପ୍ରଧାନ ଶିକ୍ଷକ ନାହାନ୍ତି ଏବଂ ଏହାର ସମସ୍ତ ଆର୍ଥିକ ନେଣଦେଣ ପ୍ରକ୍ରିୟା ଶଶିଭୂଷଣ ଉଚ୍ଚ ବିଦ୍ୟାଳୟ ହାତରେ ରହିଛି। ତେଣୁ କୌଣସି ଉନ୍ନତି ହୋଇପାରୁ ନାହିଁ। ପୂର୍ବରୁ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ଶିଶିର ସ୍ୱାଇଁ ନକଲି ଦସ୍ତଖତ କରି ବିଦ୍ୟାଳୟରୁ ଲକ୍ଷାଧିକ ଟଙ୍କା ହଡ଼ପ କରି ବର୍ତ୍ତମାନ ଜେଲରେ ଅଛନ୍ତି। ବିଦ୍ୟାଳୟ ପରିସରରେ ଗୋଟେ ଭଙ୍ଗଦଦରା ଘର ରହିଛି, ଯାହା ଭୂତ କୋଠି ପାଲଟିଛି।


ଅସ୍ୱାସ୍ଥ୍ୟକର ପରିବେଶରେ ଥିବା ବିଦ୍ୟାଳୟ।

ସେହିପରି 'ଖୁସି' ଯୋଜନାରେ ଆସୁଥିବା ନାପକିନ୍‌ଗୁଡ଼ିକ ବିଦ୍ୟାଳୟ ସାଇକେଲ ଷ୍ଟାଣ୍ଡରେ ବସ୍ତା ବସ୍ତା ହୋଇ ପଡିରହିଛି। ବର୍ତ୍ତମାନ ବର୍ଷାଦିନ ଥିବାରୁ ସବୁବେଳେ ପିଲାଙ୍କୁ ବିଭିନ୍ନ ସାପ, ଜୀବଜନ୍ତୁ ଭୟ ରହିଛି। ଏପରି ସ୍ଥିତିରେ କିପରି ଶିକ୍ଷାର ବିକାଶ ହୋଇପାରିବ ଏବଂ ଛାତ୍ରୀମାନଙ୍କୁ ଉନ୍ନତମାନର ପରିବେଶ ମିଳିପାରିବ ତାହା ଚିନ୍ତାଜନକ। ଏ ସମ୍ପର୍କରେ ଗୋଷ୍ଠୀ ଶିକ୍ଷାଧିକାରୀ କହିଛନ୍ତି, ପୂର୍ବରୁ ଆବଶ୍ୟକ ଅର୍ଥର ଅଭାବ ରହିଥିଲା, କିନ୍ତୁ ବର୍ତ୍ତମାନ ଅର୍ଥ ଆସିଯାଇଛି ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବ୍ୟାଙ୍କ ଆକାଉଣ୍ଟ ଶଶିଭୂଷଣ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ନାମରେ ରହିଛି ଏବଂ ଏହାର ସମାଧାନ ପାଇଁ ନିର୍ମାଣ କାର୍ଯ୍ୟ ଯନ୍ତ୍ରୀଙ୍କ ହାତରେ ନ୍ୟସ୍ତ ରହିଛି। ଯନ୍ତ୍ରୀଙ୍କୁ କହି ଶୀଘ୍ର କାର୍ଯ୍ୟ ଆରମ୍ଭ ହେବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ସୋରଡା ବିଧାୟକ ନୀଳମଣି ବିଶୋୟୀ କହିଛନ୍ତି, ଏହି ଅବ୍ୟବସ୍ଥା ନେଇ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛ। ଯଥାଶୀଘ୍ର ସମସ୍ୟାର ସମାଧାନ କରାଯିବା ସହ ବିଦ୍ୟାଳୟର ପରିପାର୍ଶ୍ୱିକ ପରିସ୍ଥିତିରେ ଉନ୍ନତି ଆଣିବା ପାଇଁ ପଦକ୍ଷେପ ନିଆଯିବ।

# ଦମନ, ଗଦର-୨ ପରେ ସ୍ତ୍ରୀ-୨ ପାଇଲା ସଫଳତା

## କଳାକାର ବରୁଣଙ୍କ ସଫଳତାକୁ ନେଇ ଚର୍ଚ୍ଚା

ଦାରିଙ୍ଗବାଡ଼ି, ୧୮।୮ (ଅରୁଣ ସାହୁ)



ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳର ବରୁଣ ବିଶୋଇ ଶତାଧିକ ବଲିଉଡ୍ ଫିଲ୍ମ ସମେତ ଓଡ଼ିଆ ଓ ଅନ୍ୟଭାଷୀ ଫିଲ୍ମରେ ଫଲି କଳାକାର ଭାବେ କାର୍ଯ୍ୟକରି ସଫଳତା ପାଇଛନ୍ତି। ଓଡ଼ିଆ ଫିଲ୍ମ ଦମନ ଏବେ ଶ୍ରେଷ୍ଠ ଓଡ଼ିଆ ଫିଲ୍ମ ଭାବେ ଜାତୀୟ ପୁରସ୍କାର ପାଇଥିବା ବେଳେ ଗଦର-୨ ମଧ୍ୟ ଦେଶରେ ସଫଳତା ପାଇସାରିଛି। ଏବେ ସଫଳତାର ସହ ସ୍ତ୍ରୀ-୨ ଫିଲ୍ମ ଚର୍ଚ୍ଚାରେ ରହିଆସିଥିବା ବେଳେ ଦାରିଙ୍ଗବାଡ଼ିର ଯୁବ କଳାକାର ବରୁଣ ବିଶୋଇ ଏହି ଫିଲ୍ମରେ ଫଲି କଳାକାର ଭାବେ କାର୍ଯ୍ୟ କରିଛନ୍ତି। ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଏହି ଫିଲ୍ମକୁ ଶବ୍ଦ ସଂଯୋଜନା କରିବା ପାଇଁ ବହୁ ପରିଶ୍ରମ କରିଛନ୍ତି । ଏଥିରେ ତାଙ୍କ ସହକର୍ମୀ ଶିବଶମ୍ଭୁ ଦିଗାଲ ଏବଂ ଶ୍ରୀକ୍ଷେତ୍ର ଦିଗାଲ ତାଙ୍କୁ ସହାୟତା କରିଛନ୍ତି। ପ୍ରଥମେ ସ୍ତ୍ରୀ ଫିଲ୍ମଟି ଗତ ୨୦୧୮ରେ ରିଲିଜ ହୋଇଥିଲାବେଳେ ଦୀର୍ଘ ୬ ବର୍ଷ ପରେ ପୁଣି ସ୍ତ୍ରୀ-୨ ରିଲିଜ ହୋଇଛି। ତେଣୁ ପ୍ରଥମ ଫିଲ୍ମର ସାଉଣ୍ଡକୁ ନଜରରେ ରଖି ଦ୍ୱିତୀୟ ଫିଲ୍ମ ପାଇଁ ବହୁ ପରିଶ୍ରମ କରାଯାଇଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ବରୁଣ ଦୀର୍ଘ ୨୨ ବର୍ଷ ହେଲା ଦାରିଙ୍ଗବାଡ଼ିରୁ ଘର ଛାଡ଼ି ମୁମ୍ବାଇ ପହଞ୍ଚିଥିଲେ ପ୍ରଥମେ ସେ ଜଣେ କ୍ୟାଣ୍ଟିନ ବୟ ଭାବେ କାର୍ଯ୍ୟ ଆରମ୍ଭ କରି ସେଠାରେ ଫଲି କଳାକାର ଭାବେ ନିଜ ପରିଚୟ ସୃଷ୍ଟି କରିପାରିଛନ୍ତି। ସେ ପିଲା ଦିନରୁ ସଙ୍ଗୀତ ଗାନ କରିବା ସହ ଜଣେ ଭଲ କଳାକାର ହେବାକୁ ଇଚ୍ଛା ରଖିଥିଲେ, ଯାହା କି ଆଜି ତାଙ୍କୁ ସଫଳତା ଆଣିଦେଇଛି। ଓଡ଼ିଆରେ ଦମନ ସମେତ କୁହୁଡି, ବିଗୁଲ ଆଦି ଫିଲ୍ମରେ ସେ ଫଲି ରେକର୍ ଭାବେ କାର୍ଯ୍ୟ କରିଛନ୍ତି।

# ତିବ୍ବତୀୟାନ ମହିଳାମାନଙ୍କ ରକ୍ଷା ବନ୍ଧନ ଉତ୍ସବ


ରକ୍ଷା ବନ୍ଧନ ଉତ୍ସବରେ ଉପସ୍ଥିତ ତିବ୍ବତୀୟ ଓ ଅନ୍ୟମାନେ।

ଆର.ଉଦୟଗିରି, ୧୮।୮ (ମନୋଜ କୁମାର ପାଢୀ)

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଛେଲାଗଦ ପଞ୍ଚାୟତ ଗଡର ଗ୍ରାମରେ ଚନ୍ଦ୍ରଗିରି ତିବ୍ବତୀୟାନ ମହିଳାମାନଙ୍କ ତରଫରୁ ପବିତ୍ର ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆସନ୍ତାକାଲି ରକ୍ଷା ବନ୍ଧନ ବା ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଥିବା ବେଳେ ରବିବାର ସକାଳୁ ଗଡ଼ର ଗ୍ରାମବାସୀଙ୍କ ସତସଙ୍ଗ ତଥା ସଚେତନ କାର୍ଯ୍ୟକ୍ରମ ଥିବା ବେଳେ ତିବ୍ବତୀୟାନ ଓ୍ୱିମେନ ଆସୋସିଏଶନ ଚେୟାରପର୍ସନ ସିରିଙ୍ଗ ୟାଞ୍ଜମ, ମେମ୍ବର ପେମା ସୋମ, କୋଷାଧ୍ୟକ୍ଷ ପେମାଆ ଭାଜେ ଗ୍ୟାସମ୍ ଦିଗି ଯୋଗଦେଇ ଗ୍ରାମର ୱାର୍ଡ ସଭ୍ୟ ମୋହନ ବଡ଼ନାୟକ, ପୂଜକ ରଘୁନାଥ ଦାସ, ସେକ୍ରେଟାରୀ ଦଣ୍ଡପାଣି ମାଝୀ ସତସଙ୍ଗ ପୂଜକ ଯୁରୀୟା ନାୟକଙ୍କୁ ରାକ୍ଷୀ ବାନ୍ଧିଥିଲେ। ଏହିପରି ସ୍ୱାଗତକୁ ମହିଳା ଚେୟାର ପର୍ସନ ପ୍ରଶଂସା କରିବା ସହ ଗ୍ରାମ ସହ ତିବ୍ବତୀୟଙ୍କ ବନ୍ଧୁତା ରହିବ ବୋଲି କହିଥିଲେ। ମଞ୍ଚ ପରିଚାଳନା ବାବୁଲା ସେଠୀ କରିଥିବା ବେଳେ ସୀମା ପୂଜାରୀ ସହଯୋଗ କରିଥିଲେ।

# ଉଦ୍ୟାନ କୃଷି ପ୍ରଶିକ୍ଷଣ କେନ୍ଦ୍ର କାର୍ଯ୍ୟକ୍ଷମ କରିବାକୁ ଦାବି

ଜି.ଉଦୟଗିରି, ୧୮।୮ (ଶିଶିର ପଟ୍ଟନାୟକ)

ଦୀର୍ଘ ୮ ବର୍ଷ ଧରି ବନ୍ଦ ହୋଇ ରହିଥିବା କଳିଙ୍ଗାଠାରେ ଥିବା ରାଜ୍ୟର ଏକମାତ୍ର ଉଦ୍ୟାନ କୃଷି ପ୍ରଶିକ୍ଷଣ କେନ୍ଦ୍ର ପୁନଃ କାର୍ଯ୍ୟକ୍ଷମ ପାଇଁ ବର୍ଷ ବର୍ଷ ଧରି ଦାବି ହୋଇ ଆସୁଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ନେଉ ନ ଥିଲେ। ଫଳରେ କଳିଙ୍ଗା ଯୁବ ସାମାଜିକ କର୍ମୀ ଆମନ୍ ଚନ୍ଦ୍ର ନାୟକ ଏବଂ ଲକ୍ଷ୍ମୀକାନ୍ତ ପ୍ରଧାନ କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀଙ୍କୁ ଏହି ତାଲିମ ପ୍ରଶିକ୍ଷଣ କେନ୍ଦ୍ର କାର୍ଯ୍ୟକ୍ଷମ କରିବାକୁ ଦୃଷ୍ଟି ଆକର୍ଷଣ କରିଛନ୍ତି। କନ୍ଧମାଳ ଏମ୍‌ପି ମଧ୍ୟ ଉକ୍ତ ବିଷୟକୁ ବ୍ୟକ୍ତିଗତ ଭାବେ ଗୁରୁତ୍ୱ ଦେଇ ଶୀଘ୍ର କନ୍ଧମାଳ ଜିଲାପାଳ ଓ ଉଦ୍ୟାନ ନିର୍ଦ୍ଦେଶକ ଏବଂ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି ଶୀଘ୍ର ଏହାର ପୁନଃ କାର୍ଯ୍ୟକ୍ଷମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କନ୍ଧମାଳ ଜିଲା ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ଓଡ଼ିଶାର କଳିଙ୍ଗାଠାରେ ଥିବା ଏହି ଉଦ୍ୟାନ କୃଷି ପ୍ରଶିକ୍ଷଣ କେନ୍ଦ୍ରଟି ଦୀର୍ଘ ୮ ବର୍ଷ ହେଲା ବନ୍ଦ ହୋଇପଡ଼ିଛି। ୨୦୧୩ରେ ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ଉଦ୍ୟାନ କୃଷକ ଓ ଯୁବାବର୍ଗଙ୍କୁ ଉଦ୍ୟାନ କୃଷି ସମ୍ବନ୍ଧରେ ଶିକ୍ଷା ଦେଇ ଆତ୍ମନିର୍ଭରଶୀଳ କରିବାକୁ ଏହି ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା ; ଯାହାଦ୍ୱାରା କନ୍ଧମାଳ ଜିଲା ସମେତ ରାଜ୍ୟର ବିଭିନ୍ନ ଜିଲାର ଚାଷୀମାନଙ୍କଠାରୁ ଆରମ୍ଭ କରି ଯୁବପିଢି ଉଦ୍ୟାନ କୃଷି ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ତାଲିମ ନେଉଥିଲେ। ସେ ସମୟର ଏହା ଉଦ୍ୟାନ କୃଷି ବିଭାଗର ଏକ ବଡ଼ ତାଲିମ କେନ୍ଦ୍ର ଥିଲା। କିନ୍ତୁ ଆରମ୍ଭ ହେବାର ଦୁଇ ବର୍ଷ ପରେ ଅନୁଷ୍ଠାନଟି ବନ୍ଦ ହୋଇଯାଇଛି। ତେଣୁ ସରକାର ଏହି ପ୍ରଶିକ୍ଷଣ କେନ୍ଦ୍ର ଖୋଲିବାକୁ ସାଧାରଣରେ ଦାବି ହେଉଛି।

# ପ୍ରକାଶ ପାତ୍ର ବିଧାୟକଙ୍କ ତୁମୁଡିବନ୍ଧ ବ୍ଲକ ପ୍ରତିନିଧି


ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଉଛି।

ତୁମୁଡିବନ୍ଧ, ୧୮।୮ (ଦିପକ କୁମାର ପରାସେଠ)

ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁରଙ୍କ ତୁମୁଡିବନ୍ଧ ବ୍ଲକ ପ୍ରତିନିଧି ଭାବେ ପ୍ରକାଶ ଚନ୍ଦ୍ର ପାତ୍ର ମନୋନୀତ ହୋଇଛନ୍ତି। ତାଙ୍କୁ ତୁମୁଡିବନ୍ଧ ବିଜେଡି ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ତୁମୁଡିବନ୍ଧ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ମାଝୀ, ଜିଲା ପରିଷଦ ସଭ୍ୟ ନବୀନ ପାତ୍ର, ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ସାହୁ ଓ ବିଜେଡି ସମର୍ଥିତ ସମିତି ସଭ୍ୟାସଭ୍ୟ ଏବଂ ଦଳର ନେତାମାନେ ଉପସ୍ଥିତ ଥିଲେ।

# ଏକଦିବସୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ, ବ୍ରହ୍ମପୁର ଚାମ୍ପିୟନ

ବୁଗୁଡ଼ା, ୧୮।୮ (କାଳିଚରଣ ଦାଶ)

ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ପ୍ରାଙ୍ଗଣରେ ସନ୍ ସାଇନ୍ ଭଲିବଲ୍ ଟିମ୍ ପକ୍ଷରୁ ଏକଦିବସୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଚାରୋଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଏହାକୁ ଥାନା ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତି ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନୀ ମ୍ୟାଚରେ ଜ୍ଞୁବୁଡୁବା ଦଳକୁ ଭଞ୍ଜନଗର ଦଳ ପରାସ୍ତ କରିଥିଲା ବେଳେ ଅନ୍ୟ ଏକ ମ୍ୟାଚରେ ବୁଗୁଡ଼ା ଦଳକୁ ବ୍ରହ୍ମପୁର ଦଳ ପରାସ୍ତ କରିଥିଲା। ଫାଇନାଲ ମ୍ୟାଚରେ ବ୍ରହ୍ମପୁର ପାୱାର ସିକ୍ସ ଦଳ ୨-୧ସେଟ୍‌ରେ ଭଞ୍ଜନଗର ମା' ଖମ୍ବେଶ୍ୱରୀ କ୍ଲବ ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲା। ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଏଏସ୍‌ଆଇ ସୁବଳ କଅଁର, ବରିଷ୍ଠ କ୍ରୀଡ଼ାବିତ୍ ଦୁର୍ଗା ପ୍ରସାଦ ଦାଶ, ସୂର୍ଯ୍ୟ ନାରାୟଣ ମହାନ୍ତି, ଭଗବାନ ଜେନା, ବିଭୁତି ଭୂଷଣ ଦାଶ, କ୍ରିଷ୍ଣାରାଓ ପାତ୍ର ଓ ହର ପ୍ରସାଦ ଦାଶ ଯୋଗ ଦେଇ ବିଜେତା ବ୍ରହ୍ମପୁର ଦଳ ଓ ଉପବିଜେତା ଭଞ୍ଜନଗର ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ କ୍ରୀଡ଼ାବିତ୍ ପ୍ରସାଦି ତୋଷ ରେଫେରି ଦାୟିତ୍ୱ ନିର୍ବାହ କରି ମ୍ୟାଚଗୁଡିକୁ ପରିଚାଳନା କରିଥିବା ବେଳେ ପତି ତପାବନ ତୋଷ ସ୍କୋରର, ବୁଲୁ ବେହେରା ଓ ହରି ସ୍ୱାଇଁ ଲାଇନ୍ ମ୍ୟାନ ଦାୟିତ୍ୱ ତୁଲାଇଥିଲେ। ଆୟୋଜକ କମିଟି ସଭାପତି ମନୋଜ କୁମାର ସେଠୀ, ସମ୍ପାଦକ ମୁନା ନାୟକ ଓ କୋଷାଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ପ୍ରମୁଖ ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିବା ବେଳେ ରତନ ସିଂ ଓ ଦିନବନ୍ଧୁ ପାତ୍ରଙ୍କ ସମେତ ଅନ୍ୟ ସ୍ୱେଚ୍ଛାସେବୀମାନେ ଏଥିରେ ସହଯୋଗ କରିଥିଲେ।


ମ୍ୟାଚ୍ ଖେଳୁଛନ୍ତି ଖେଳାଳି।

# ସ୍କୁଟିରେ ଆସି ହଷ୍ଟେଲ ପରିଦର୍ଶନ କଲେ ଜିଲାପାଳ


ଜିଲାପାଳ ଅମ୍ରିତ ଋତୁରାଜ ବିଭିନ୍ନ ପର୍ଯ୍ୟଟନକ୍ଷେତ୍ର ବୁଲି ଦେଖୁଛନ୍ତି।

ଦାରିଙ୍ଗବାଡି, ୧୮।୮ (ଅରୁଣ ସାହୁ)

କନ୍ଧମାଳ ଜିଲାପାଳ ଅମ୍ରିତ ଋତୁରାଜ ରବିବାର ଦାରିଙ୍ଗବାଡି ଗସ୍ତ କରି ବ୍ଲକ କର୍ମଚାରୀଙ୍କ ସ୍କୁଟିରେ ବିଭିନ୍ନ ହଷ୍ଟେଲ ପରିଦର୍ଶନ କରିଛନ୍ତି। ନୂତନ ଭାବେ ନିଯୁକ୍ତି ପାଇବା ପରେ ଜିଲାପାଳଙ୍କ ଏହା ପ୍ରଥମ ଦାରିଙ୍ଗବାଡି ଗସ୍ତ ରହିଥିଲା। ତେବେ ଜିଲାପାଳଙ୍କୁ କେହି ଦେଖି ନ ଥିବା ବେଳେ ସେ ମଧ୍ୟ ହଷ୍ଟେଲରେ କାହାରିକୁ ପରିଚୟ ନ ଦେଇ ପରିଦର୍ଶକଙ୍କ ରେଜିଷ୍ଟରରେ ଦସ୍ତଖତ କରିବା ପରେ ଶିକ୍ଷକମାନେ ଜିଲାପାଳ ବୋଲି ଜାଣିବାକୁ ପାଇଥିଲେ। ହଷ୍ଟେଲଗୁଡିକର ଅବ୍ୟବସ୍ଥା, ଶିକ୍ଷୟିତ୍ରୀ ଶିକ୍ଷକ ଅନୁପସ୍ଥିତି ଆଦି ସମ୍ପର୍କରେ ଜିଲାପାଳ ଅନୁଧ୍ୟାନ କରିଥିଲେ। ମିଳିଥିବା ତଥ୍ୟାନୁସାରେ ଜିଲାପାଳ କଫି ବଗିଚା, ଡୁଲୁରୀ ପାଇନବଣ ସମେତ ବିଭିନ୍ନ ପର୍ଯ୍ୟଟନକ୍ଷେତ୍ର ସ୍କୁଟିରେ ବୁଲି ଦେଖିଛନ୍ତି। ତାଙ୍କ ସହ ତାଙ୍କ କାର ଚାଳକ ଏବଂ ସୁରକ୍ଷା କର୍ମୀ ମଧ୍ୟ ସ୍କୁଟିରେ ସାଥିରେ ବୁଲୁଛନ୍ତି। ଜିଲାପାଳଙ୍କ ଏଭଳି ଗସ୍ତକୁ ଅଞ୍ଚଳବାସୀ ପ୍ରଶଂସା କରୁଥିବା ବେଳେ ସରକାରୀ କର୍ମଚାରୀଙ୍କ ମଧ୍ୟରେ ଭୟ ଦେଖାଦେଇଛି।

# ଜଙ୍ଗଲ ଜମି ସପ୍ତାହ ପାଳନ, ପଟ୍ଟା ବଣ୍ଟନ

ଖଜୁରିପଡ଼ା, ୧୮।୮ (ବିଦୁର ବେହେରା)

ଖଜୁରିପଡ଼ା ତହସିଲ କାର୍ଯ୍ୟାଳୟରେ ଶନିବାର ଜଙ୍ଗଲ ଜମି ସପ୍ତାହ ପାଳନ ଅବସରରେ ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ଜଙ୍ଗଲ ଜମିପଟ୍ଟା ବଣ୍ଟନ କରାଯାଇଛି। କରୁଣା ଗାଁ, ମେଟି ପିଡ଼ିଆ, ପ୍ରେମ ଝୋରି, ମାଣ୍ଡାଲି ଆଦି ଗ୍ରାମର ୫୨ ହିତାଧିକାରୀଙ୍କୁ ଜଙ୍ଗଲ ଜମିପଟ୍ଟା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ତହସିଲଦାର ସୌମ୍ୟ ରଞ୍ଜନ ପାତ୍ର, ଅତିରିକ୍ତ ତହସିଲଦାର ବ୍ରହ୍ମାନନ୍ଦ ଥାଟି, ରେଭିନ୍ୟୁ ସୁପର୍‌ଭାଇଜର ଶୁଭଶ୍ରୀ ପ୍ରିୟଦର୍ଶିନୀ ସାହୁ, ଲିଵଲି ହୁଡ କୋଅର୍ଡିନେଟର ମନମୋହନ ବାରିକ, ସହକାରୀ ଅନିଲ କହଁର, ଜଙ୍ଗଲ ଜମି କୋଅର୍ଡିନେଟର ଚିତ୍ତରଞ୍ଜନ ଗଣ୍ଡା, ସହାୟକ ସୁଧାଂଶୁ କୁମାର୍ ନାୟକ, ରମାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତି ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ କରାଯାଇ ଜଙ୍ଗଲ ଜମିପଟ୍ଟା ପ୍ରଦାନ କରାଯିବ। ତା' ସହିତ ଜଙ୍ଗଲ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରାଯିବ ବୋଲି ତହସିଲଦାର କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ଖଜୁରିପଡ଼ା ରାଜସ୍ୱ ନିରୀକ୍ଷକ ଅଧିକାରୀ ଜୟନ୍ତ ସାହୁ ନିର୍ବାହ କରିଛନ୍ତି।

# ତୁମୁଡିବନ୍ଧ ପଞ୍ଚାୟତ ସମିତି ବୈଠକ

ତୁମୁଡିବନ୍ଧ, ୧୮।୮ (ଦିପକ କୁମାର ପରାସେଠ)

ତୁମୁଡିବନ୍ଧ ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ବନ ବିହାରୀ ହରପାଲ ଉପସ୍ଥିତ ସମସ୍ତ ଜନ ପ୍ରତିନିଧି ଓ ସରକାରୀ ଅଧିକାରୀମାନଙ୍କୁ ସ୍ୱାଗତ ଜଣାଇଥିଲେ। ବ୍ଲକ ଅଧ୍ୟକ୍ଷା ବାସନ୍ତୀ ମାଝୀ ବୈଠକରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ନବୀନ ପାତ୍ର, ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ସାହୁ, ବିଧାୟକ ପ୍ରତିନିଧି ପ୍ରକାଶ ଚନ୍ଦ୍ର ପାତ୍ର, ଏମ୍‌ପି ପ୍ରତିନିଧି ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବିଭିନ୍ନ ପ୍ରସ୍ତାବ ଅନୁସାରେ କୃଷି, ଉଦ୍ୟାନ କୃଷି ସମ୍ବନ୍ଧୀୟ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଆଲୋଚନାରେ ଲଙ୍କାଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ କର୍ମଚାରୀ ନ ଥିବାରୁ ତୁରନ୍ତ ଉପର ଅଧିକାରୀଙ୍କୁ ଅବଗତ କରବାକୁ ଦାବି ଜନ ପ୍ରତିନିଧିମାନେ କରିଥିଲେ। ତହସିଲଭୁକ୍ତ ଜାତି ଓ ଜନଜାତି ଉନ୍ନୟନ ଆଲୋଚନା ବେଳେ କେକେଡିଏ ସ୍ୱତନ୍ତ୍ର ଅଧିକାରୀ, ବେଲଘରଙ୍କ ଉନ୍ନୟନ ମୂଳକ କାର୍ଯ୍ୟ ହେଉନଥିବାରୁ ଗୃହରେ ଉଦବେଗ ପ୍ରକାଶ କରି ସମିତି ସଭ୍ୟାସଭ୍ୟମାନେ କକ୍ଷ ତ୍ୟାଗ କରିଥିଲେ। ପରେ ସଭାପତି ମାଝୀ, ବିଧାୟକ ପ୍ରତିନିଧି ପାତ୍ର, ଜିଲା ପରିଷଦ ପାତ୍ର ବୁଝାଶୁଝା କରି ଗୃହକୁ ଫେରାଇ ଆଣିଥିଲେ। ଏମ୍‌ପି ପ୍ରତିନିଧି ପାଢ଼ୀ ବିଦ୍ୟାଳୟଗୁଡିକରେ ଶିକ୍ଷକ ଠିକ ଭାବେ ପାଠ ପଢ଼ାଉ ନଥିବା ଅଭିଯୋଗ କରିଥିଲେ। ପ୍ରାଣୀ ସମ୍ପଦ ବିକାଶ ବିଭାଗରେ ଆବଶ୍ୟକ ଷ୍ଟାଫ ନ ଥିବା ଓ ସମସ୍ତ ଗ୍ରାମକୁ ପାନୀୟ ଜଳଯୋଗାଣ ହେଉ ନ ଥିବା ପ୍ରସଙ୍ଗ ଉଠି ତୁରନ୍ତ ସମାଧାନ ଦାବି କରାଯାଇଥିଲା।

# ଅବ୍ୟବସ୍ଥାରେ ସୁବେରୀ ପଙ୍ଗା ପ୍ରାଥମିକ ବିଦ୍ୟାଳୟ

ଫିରିଙ୍ଗିଆ, ୧୮।୮ (ବିମଳ ଦିଗାଲ)

ସରକାର ଛାତ୍ରୀଛାତ୍ରଙ୍କ ଶିକ୍ଷାର ଉନ୍ନତି ପାଇଁ ବିଭିନ୍ନ ବ୍ୟବସ୍ଥା କରୁଥିବା ବେଳେ ସରକାରଙ୍କ ଯୋଜନା ହେଉ କି ସମସ୍ତ ବ୍ୟବସ୍ଥା ଗ୍ରାମାଞ୍ଚଳର ବିଦ୍ୟାଳୟଗୁଡ଼ିକରେ ପହଞ୍ଚି ପାରୁନାହିଁ। ଏମିତି ଏକ ବିଦ୍ୟାଳୟ ଦେଖିବାକୁ ମିଳିଛି ଫିରିଙ୍ଗିଆ ବ୍ଲକ କ୍ରାଣ୍ଡିବାଲି ପଞ୍ଚାୟତର ସୁବେରୀ ପଙ୍ଗା ପ୍ରାଥମିକ ବିଦ୍ୟାଳୟରେ।

ଏହି ବିଦ୍ୟାଳୟ ବହୁ ପୁରାତନ ହୋଇଥିବା ବେଳେ ପୂର୍ବରୁ ବିଦ୍ୟାଳୟରେ ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପାଠ ପଢିବା ସହ ଶିକ୍ଷକ ମଧ୍ୟ ଅଧିକ ଥିବାରୁ ପାଠପଢା ଭଲ ହେଉଥିଲା। ବର୍ତ୍ତମାନ ବିଦ୍ୟାଳୟରେ ମାତ୍ର ଗୋଟିଏ ଶ୍ରେଣୀ କୋଠରିରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ଛାତ୍ରୀଛାତ୍ର ପଢୁଥିବା ବେଳେ ମାତ୍ର ଜଣେ ଶିକ୍ଷକ ଅଛନ୍ତି। ବିଦ୍ୟାଳୟର ସମସ୍ୟା ଦୃଷ୍ଟିକୋଣରୁ ବିଦ୍ୟାଳୟରୁ ଅଭିଭାବକମାନେ ନିଜ ପୁଅ ଝିଅକୁ ଅନ୍ୟ ବିଦ୍ୟାଳୟକୁ ପଠାଉଛନ୍ତି। ଫଳରେ ଛାତ୍ରୀଛାତ୍ର ସଂଖ୍ୟା କମି ମାତ୍ର ୧୦ ଜଣରେ ଜଣେ ଶିକ୍ଷକ ଥିବାବେଳେ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ବିଦ୍ୟାଳୟରେ ୨ଟି ଶ୍ରେଣୀ କୋଠରି ରହିଛି। କିନ୍ତୁ ଗୋଟିଏ କୋଠରିରେ ଶିକ୍ଷାଦାନ କରାଯାଉଥିବା ବେଳେ ଗୋଟିଏ କୋଠରି ସମ୍ପୂର୍ଣ୍ଣ ନଷ୍ଟ ହୋଇ ପଡ଼ିଛି। ବିଦ୍ୟାଳୟରେ ନଳକୂପ ସହ ଶୌଚାଳୟ ବ୍ୟବସ୍ଥା ଅଛି କିନ୍ତୁ ନଳକୂପ କାର୍ଯ୍ୟକ୍ଷମ ଥିଲେ ମଧ୍ୟ ଶୌଚାଳୟ ଅଚଳ ହୋଇପଡ଼ିଛି। ବିଦ୍ୟାଳୟରେ ଅଧା ପାଚେରି ହୋଇଥିବାରୁ ଏହା ଗୋରୁଙ୍କ ଚରାଭୂଇଁ ପାଲଟିଛି। ବର୍ତ୍ତମାନ ବିଦ୍ୟାଳୟରେ ଶିକ୍ଷକ ନାରାୟଣ ଜାନି ଥିବା ବେଳେ ନିଜେ ହିଁ ପ୍ରଧାନଶିକ୍ଷକ ଭାବେ ସମସ୍ତ କାର୍ଯ୍ୟ କରିବା ସହ ଶିକ୍ଷାଦାନ ଚାଲିଛି । ତୁରନ୍ତ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ସହ ବିଦ୍ୟାଳୟର ଆନୁଷଙ୍ଗିକ ସୁବିଧା ଯୋଗାଇ ଦେବାକୁ ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ ଓ ଗ୍ରାମବାସୀ ଦାବି କରିଛନ୍ତି।



# ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ ପ୍ରହସନ

## ସରକାରୀ ତଥ୍ୟ, ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ

ଯାଜପୁର,୧୮।୮(ହର୍ଷବର୍ଦ୍ଧନ ବେହେରା)

ଓଡ଼ିଶାରେ ୬୨ ପ୍ରକାର ଜନଜାତି ବସବାସ କରନ୍ତି। ସେମାନଙ୍କ ମଧ୍ୟରୁ ୧୩ ପ୍ରକାର ଆଦିମ ଜନଜାତି ( ପିଭିଟିଜି) ବର୍ଗର ରହିଛନ୍ତି। ଆଦିବାସୀମାନଙ୍କ ପାଇଁ ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ-୨୦୦୬ ପ୍ରଣୟନ କରାଯାଇଛି। ଏହାର ନିୟମାବଳୀ ବିଜ୍ଞାପିତ ହେବାପରେ ଆଇନଟି ଓଡ଼ିଶାରେ ୧।୧।୨୦୦୮ରେ କାର୍ଯ୍ୟକାରୀ ହୋଇଥିଲା। ବନବାସୀ ଓ ଆଦିବାସୀ ନିଜ ଭିଟାମାଟିର ଅଧିକାର ପାଇବା ସହ ବିଭିନ୍ନ ଆବାସ ଯୋଜନାରେ ସାମିଲ ହୋଇପାରିବେ ବୋଲି ଆଇନରେ ସରକାର ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ଆଇନ କାର୍ଯ୍ୟକାରୀ କରାଯିବାର ୧୬ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ତାହା କଚ୍ଛପ ଗତିରେ ଚାଲିଛି। ଯାଜପୁର ଜିଲା ସୁକିନ୍ଦା ବ୍ଲକକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ, ସୁକିନ୍ଦା ବ୍ଲକ ଅଞ୍ଚଳରେ ମହ୍ଲାର ଜନଜାତି ଶ୍ରେଣୀର ପ୍ରାୟ ୩୪୬ ପରିବାର ବସବାସ କରନ୍ତି। ସେହିପରି ଏହି ବ୍ଲକର କଅଁସ ପଞ୍ଚାୟତର ମହ୍ଲାରସାହିର ଫରେଷ୍ଟ ଅଫିସ ପଛପାର୍ଶ୍ୱ ଅଞ୍ଚଳରେ ୭୪ ଜଣ ମହ୍ଲାର ଜନଜାତିଙ୍କୁ ଜଙ୍ଗଲ ଜମି ଅଧିକାର ପଟ୍ଟା ପ୍ରଦାନ କରାଯାଇଛି ବୋଲି ଦର୍ଶାଯାଇଛି। ହେଲେ ବାସ୍ତବରେ ସେଠାରେ ମାତ୍ର ୭ଜଣ ଆଦିମ ଜନଜାତି ବର୍ଗର ପରିବାର ଅସ୍ଥାୟୀ ଚାଳଛପର ଘର କରି ରହୁଥିବା ଦେଖାଯାଇଛି। ଏଥିରୁ ଜିଲା ପ୍ରଶାସନର ତଥ୍ୟ ଓ ବାସ୍ତବତା ମଧ୍ୟରେ ବହୁ ପାର୍ଥକ୍ୟ ଥିବା ଅଭିଯୋଗ ହେଉଛି।


ଯାଜପୁର ଜିଲା ସୁକିନ୍ଦା ବ୍ଲକ ମହ୍ଲାର ସାହିରେ ବସବାସ କରୁଥିବା ମାଙ୍କେଡିଆ ଜନଜାତି।

ରାଜ୍ୟରେ ଜନଜାତିମାନଙ୍କ ସଂଖ୍ୟା ୯୫ ଲକ୍ଷ ୯୦ ହଜାର ୭୫୬, ଯାହାକି ସମୁଦାୟ ଜନସଂଖ୍ୟାର ୨୨.୮୫ ପ୍ରତିଶତ। ଓଡ଼ିଶାରେ ଥିବା ପ୍ରାୟ ୫୩,୮୪୫ ଗ୍ରାମ ମଧ୍ୟରୁ ଜଙ୍ଗଲ ଅଧିକାର ଆଇନ ପରିସର ମଧ୍ୟରେ ପାଖାପାଖି ୩୨,୫୬୨ ଗ୍ରାମ ଆସୁଛି। ବର୍ତ୍ତମାନ ସୁଦ୍ଧା ୪.୫୬ ଲକ୍ଷ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ପଟ୍ଟା ପ୍ରଦାନ କରାଯାଇଛି ବୋଲି ସରକାରୀ ତଥ୍ୟରୁ ଜଣାପଡିଛି। କିନ୍ତୁ ଗୋଷ୍ଠୀ ଜଙ୍ଗଲ ଜନବସତିଗୁଡ଼ିକୁ ସ୍ୱୀକୃତି ଏବଂ ଜଙ୍ଗଲ ଗ୍ରାମ ଓ ସର୍ବେକ୍ଷଣ ହୋଇ ନ ଥିବା ଜନବସତିଗୁଡ଼ିକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତନ କରିବା ଦିଗରେ ପ୍ରଗତି ନୈରାଶ୍ୟଜନକ ରହିଛି। ଏହାବାଦ୍ ଗୋଷ୍ଠୀ ଅଧିକାର ଓ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାରକୁ ସ୍ୱୀକୃତି ଦେବା କ୍ଷେତ୍ରରେ ଓଡ଼ିଶା ବହୁତ ପଛୁଆ ଅଛି ବୋଲି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଜାରି ମୋ ଜଙ୍ଗଲ ଜମି ଯୋଜନାର କାର୍ଯ୍ୟାନ୍ୱୟନ ନିମନ୍ତେ ମାର୍ଗଦର୍ଶିକାରେ ପ୍ରକାଶ କରାଯାଇଛି। ବିଶେଷକରି ଏହି ଆଇନ ଅନ୍ତର୍ଗତ ଉପଯୁକ୍ତ ହିତାଧିକାରୀଙ୍କୁ ଇନ୍ଦିରା ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମୋ କୁଡ଼ିଆ, ବିଜୁ ପକ୍କାଘର ଆଦି ଆବାସ ଯୋଜନାରେ ଅଗ୍ରଗତି ଅତି ନୈରାଶ୍ୟଜନକ ରହିଛି। ଯେଉଁ କେତେକ ଆବାସ ଯୋଜନା କାର୍ଯ୍ୟକାରୀ ହେଉଛି ସେଥିରେ ବହୁ ଦୁର୍ନୀତି ଭରି ରହିଛି। ଏହାର ସଦ୍ୟତମ ଉଦାହରଣ ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ପାଣ୍ଠିରେ ମହ୍ଲାରସାହି ଗ୍ରାମରେ ନିର୍ମାଣାଧୀନ ମାଙ୍କିଡ଼ିଆ ସମ୍ପ୍ରଦାୟର ପରିବାରଙ୍କ ପାଇଁ ୮୭ଟି ଗୃହ ନିର୍ମାଣ କ୍ଷେତ୍ରରେ ଦେଖିବାକୁ ମିଳିଛି। ଅତି ନିମ୍ନମାନର କାର୍ଯ୍ୟର ଅଭିଯୋଗ କରାଯାଇ ଲୋକାୟୁକ୍ତରେ ମାମଲା ହୋଇଛି। ତୁରନ୍ତ ଉକ୍ତ ଘରଗୁଡ଼ିକୁ ସମ୍ପୂର୍ଣ୍ଣ କରି ଆଦିବାସୀ ପରିବାରଙ୍କୁ ହସ୍ତାନ୍ତର କରିବାକୁ ଲୋକାୟୁକ୍ତଙ୍କ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ହେଲେ ଏଯାଏ ତାହା ବି ସଫଳ ହୋଇ ପାରିନାହିଁ। ଏହିକ୍ରମରେ ସରକାରଙ୍କ ମୋ ଜଙ୍ଗଲ ଜମି ଯୋଜନା ଏଠାରେ ପ୍ରହସନ ହୋଇଛି ବୋଲି ମତପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ଜିଲା ମଙ୍ଗଳ ଅଧିକାରୀ(ଡିଡବ୍ଲ୍ୟୁଓ) ଶରତ ଚନ୍ଦ୍ର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ୨୦୨୪ ସୁଦ୍ଧା ଜଙ୍ଗଲ ଅଧିକାର ଆଇନରେ ସାମିଲ ହେବାକୁ ଥିବା କୌଣସି ବ୍ୟକ୍ତି ବାକି ରହିବେ ନାହିଁ। ଇତିମଧ୍ୟରେ ୬୦୦ ପରିବାରଙ୍କୁ ଜଙ୍ଗଲ ଅଧିକାର ପଟ୍ଟା ପ୍ରଦାନ କରିବାକୁ ବ୍ୟବସ୍ଥା କରାଯାଉଛି। ତେବେ ଘର ଯୋଗାଇଦେବା କାର୍ଯ୍ୟ ପଞ୍ଚାୟତିରାଜ ବିଭାଗର। ଜମି ପାଇବା ପରେ ଘର ଯୋଗାଇଦେବାକୁ କୌଣସି ସମସ୍ୟା ରହିବ ନାହିଁ।

# ଆଶାର ଆଲୋକ ଫାଉଣ୍ଡେଶନ ପକ୍ଷରୁ ସହାୟତା


କର୍କଟ ପୀଡିତାଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

କାଏମା,୧୮।୮(ଶିବପ୍ରସାଦ ମହାନ୍ତି):

ସ୍ୱାଧୀନତା ଦିବସ ଅବସରରେ ଧର୍ମଶାଳା ଅଞ୍ଚଳର ସ୍ୱେଚ୍ଛାସେବୀ ସଙ୍ଗଠନ ଆଶାର ଆଲୋକ ଫାଉଣ୍ଡେଶନ ପକ୍ଷରୁ କ୍ୟାନ୍‌ସରରେ ପୀଡ଼ିତା ଜଣେ ମହିଳାଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ସେ ହେଲେ ଏହି ବ୍ଲକ ତାଳଜଙ୍ଗ ପଞ୍ଚାୟତ ଉପରଗଡ଼ ଗ୍ରାମର ସଦାଶିବ ମହାନ୍ତିଙ୍କ ସ୍ତ୍ରୀ ଦୀପ୍ତିବାଳା। ଦୀପ୍ତିବାଳା କିଛି ବର୍ଷ ହେଲା କ୍ୟାନ୍‌ସରରେ ପୀଡ଼ିତ ହୋଇଛନ୍ତି। ମାତ୍ର ଅର୍ଥାଭାବରୁ ସେ ଘରେ ରହି ଚିକିତ୍ସିତ ହେଉଛନ୍ତି। ଅଭାବ ଅନଟନରେ ପରିବାର ରହୁଥିବାବେଳେ ତାଙ୍କ ମାଟିଘର ଭାଙ୍ଗି ପଡିଛି। ଏହି ଖବର ଫାଉଣ୍ଡେଶନର ସଭାପତି ସନ୍ତୋଷ କୁମାର ଦାସ, ଉପସଭାପତି ବଳରାମ ବେହେରା, ସମ୍ପାଦକ ଜୀବନ ଦଳାଇ, ସଦସ୍ୟ ମାନସ ପରିଡ଼ା ଓ ଅନ୍ୟ ସଦସ୍ୟ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା


ଥାନାଧିକାରୀ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ବଡ଼ଚଣା,୧୮।୮(ଦିଲୀପକୁମାରମହାନ୍ତି):

ବଡ଼ଚଣା ବ୍ଲକ୍ ଅଞ୍ଚଳର ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବଡ଼ଚଣା ଥାନାଧିକାରୀ ଶ୍ରୀକାନ୍ତ ବାରିକ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କୁ ପରିଚୟ ପତ୍ର ପ୍ରଦାନ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ଆଇନଗତ ସହାୟତା ଯୋଗାଇଦେବାରେ ପ୍ରାଧାନ୍ୟ ଦିଆଯିବ ବୋଲି କହିଥିଲେ। ଯୁବ ସାମାଜିକ କର୍ମୀ ପ୍ରକାଶ କୁମାର ଦାସଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଖବରଦାତା ସମରେନ୍ଦ୍ର ମାହାଲା ସଞ୍ଚାଳନ କରିଥିଲେ। ବରିଷ୍ଠ ନାଗରିକ ରମେଶ ଚନ୍ଦ୍ର ସାହୁ, ସିଦ୍ଧେଶ୍ୱର ଦାଶ, ସନାତନ ନାୟକ, ପ୍ରଭୁଲାଲ ମାରୁ ପ୍ରମୁଖ ଉପସ୍ଥିତ ଥିଲେ। ରବୀନ୍ଦ୍ର କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଜନ୍ମାଷ୍ଟମୀ ପାଳନ ପ୍ରସ୍ତୁତି ବୈଠକ

ଜେନାପୁର,୧୮।୮(ଅଶୋକ ଦାସ):

ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ତାଳଜଙ୍ଗ ପଞ୍ଚାୟତ ରାମପୁର କଇଥାସ୍ଥିତ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳନ ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାମପୁର କଇଥା ଯାଦବ ମହାସଭା ସଭାପତି ରଘୁନାଥ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଧର୍ମଶାଳା ବ୍ଲକ ଯାଦବ ମହାସଭା ଯୁଗ୍ମ ସମ୍ପାଦକ ଭରତ ଚନ୍ଦ୍ର ଦାଶ, ରସୁଲପୁର ବ୍ଲକ ସମ୍ପାଦକ ଅଜୟ କୁମାର ଦାସ, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. କୁଶଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ବୈଠକରେ ଚାରାରୋପଣ, ସାଂସ୍କୃତିକ କାର୍ଯ୍ୟକ୍ରମ, ଲଉଡ଼ି ଖେଳ ପରିବେଷଣ ସହିତ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ବିଧି ଅନୁଯାୟୀ ପାଳନ କରିବାକୁ ସ୍ଥିର କରାଯାଇଥିଲା। ବାବୁଧର ଖଟୁଆ, ପାଣ୍ଡବ ରାଉତ, ବାବୁଲି ରାଉତ, ଅମୂଲ୍ୟ ରାଉତ, ଭଗବାନ ରାଉତ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ପ୍ରମୋଦ କୁମାର ପଲେଇ ଧନ୍ୟବାଦ ଦେଇଥିଲେ।


ବୈଠକରେ ଯୋଗଦେଇଥିବା ଯାଦବ ମହାସଭାର କର୍ମକର୍ତ୍ତା।

# ରାସ୍ତା ଅବରୋଧ ହଟାଇଲେ ଅଗ୍ନିଶମ କର୍ମଚାରୀ



ରସୁଲପୁର,୧୮।୮(ରଂଜିତ ରାଉତ):

ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତ ଅରଡ଼ା ଗ୍ରାମଦେଇ ଯାଇଥିବା ଜାତୀୟ ରାଜପଥଠାରୁ ବାହାବଳପୁର ପୂର୍ତ୍ତ ବିଭାଗ ରାସ୍ତାରେ ପଡ଼ିଥିବା ଶୁଖିଲା ଗଛକୁ ରସୁଲପୁର ଅଗ୍ନିଶମ ବିଭାଗର କର୍ମଚାରୀମାନେ ହଟାଇଛନ୍ତି। ଏହାପରେ ଯାତାୟାତ ସ୍ୱାଭାବିକ ହୋଇଛି। ରାସ୍ତା ସଫା କରିବାକୁ କର୍ମଚାରୀମାନଙ୍କୁ ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗିଥିଲା। କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଖେଳରାମ ମାରାଣ୍ଡିଙ୍କ ନେତୃତ୍ୱରେ ହାବିଲଦାର ଦୀପକ କୁମାର ନାୟକ, କର୍ମଚାରୀ ଧୀରେନ କୁମାର ବେହେରା, ଗୌତମ ଚରଣ ସାହୁ, ଅନିଲ ଦାସ, କାର୍ତ୍ତିକ ଚନ୍ଦ୍ର ସେଠୀ ପ୍ରମୁଖ ରାସ୍ତା ଅବରୋଧ ହଟାଇଥିଲେ।

ଗତ ଗୁରୁବାର ରାତିରେ ଝଡତୋଫାନ ସହ ପ୍ରବଳ ବର୍ଷା ହୋଇଥିଲା। ପବନରେ ରାସ୍ତା ପାର୍ଶ୍ୱରେ ଥିବା ଶୁଖିଲା ଗଛଟି ରାସ୍ତା ଉପରେ ଉପୁଡ଼ି ପଡ଼ିଥିଲା। ଫଳରେ ଶୁକ୍ରବାର ମଧ୍ୟାହ୍ନ ପର୍ଯ୍ୟନ୍ତ ଏହି ରାସ୍ତା ଦେଇ ଯାତାୟାତ ଠପ୍ ହୋଇଯାଇଥିଲା। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରାଯିବା ସହ ଅଗ୍ନିଶମ କେନ୍ଦ୍ରକୁ ଯୋଗାଯୋଗ କରାଯାଇଥିଲା। ଅଭିଯୋଗ ପାଇ କେନ୍ଦ୍ରର କର୍ମଚାରୀ ପହଞ୍ଚି ରାସ୍ତାରୁ ଗଛକୁ ହଟାଇଥିଲେ।

# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ବରୀ,୧୮।୮(ମହେନ୍ଦ୍ର ସ୍ୱାଇଁ):

ବରୀ-ରାମଚନ୍ଦ୍ରପୁର ଥାନା ଅଧୀନ ଅଲିପୁର ଗ୍ରାମର ଜଣେ ଯୁବକଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଉଦୟ ବେହେରା(୧୯)। ସେ ଦୁଇ ସପ୍ତାହ ପୂର୍ବରୁ ତାଙ୍କ ଭଉଣୀଙ୍କ ଘର ବୌଦ୍ଧ ଜିଲାକୁ ବୁଲିବାକୁ ଯାଇଥିଲେ। ସେଠାର ରବିବାର ସକାଳ ୯ଟାରେ ଏକ ଜଳଖିଆ ଦୋକାନକୁ ଜଳଖିଆ ନେବାକୁ ଆସିଥିଲେ। ଏହି ସମୟରେ ଏକ ପିକଅପ୍ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବୌଦ୍ଧ ଟାଉନ ଡାକ୍ତରଖାନରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଖବର ପ୍ରଚାରିତ ହେବାପରେ ଯୁବକଙ୍କ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।



# ନଗଡ଼ାବାସୀଙ୍କୁ ସହାୟତା

ବଡ଼ଚଣା,୧୮।୮(ଦିଲୀପ କୁମାର ମହାନ୍ତି):

ଯାଜପୁର ଜିଲାର ନଗଡ଼ାବାସୀଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ପାଟରା ପରିବାର ଓ ଆମେ ସବୁ ପାଟରା ସଙ୍ଗଠନ। ସଂଗଠନ ପକ୍ଷରୁ ସଭାପତି ପ୍ରଦୀପ ଷେଣ୍ଢ, ସମ୍ପାଦକ ବିଜୟ କୁମାର ସାହୁ, ସ୍ୱେଚ୍ଛାସେବୀ ରୂପେଶ ପାତ୍ର, ରାଜେଶ ପାତ୍ର, ଡକ୍ଟର ଶକ୍ତି ସାହୁ, ସତ୍ୟରଞ୍ଜନ ସାହୁ, ଅବିନାଶ ସାହୁ, ବିଶ୍ୱଜିତ ମାହାଲା, ବିଜୟ ପାତ୍ର, ଲୋପାମୁଦ୍ରା ଷେଣ୍ଢ, ସୁମିତ୍ରା ନାୟକ, ସୁଜାତା ସାହୁ, ପୀତବାସ ନାୟକ, ଅଜୟ ପାତ୍ର ପ୍ରମୁଖ ନଗଡ଼ାବାସୀଙ୍କୁ ଭେଟି କମ୍ବଳ, ମଶାରୀ ସହ ଶୁଖିଲା ଖାଦ୍ୟପୁଡ଼ିଆ ପ୍ରଦାନ କରିଛନ୍ତି। ସଂଗଠନର ଏପରି କାର୍ଯ୍ୟକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି।

# ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟରେ ରକ୍ଷାବନ୍ଧନ

ଧର୍ମଶାଳା,୧୮।୮(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ୍ କୁମାରୀସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଜାରକା ଶାଖା ତରଫରୁ ରକ୍ଷା ବନ୍ଧନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବଡ଼ଚଣା ଶାଖାର ମାନସୀ ଭଉଣୀ ଏଥିରେ ପୌରୋହିତ୍ୟ କରିଥିଲେ। ଅତିଥିଭାବେ ଇନରହୁଇଲ୍ କ୍ଲବ୍ ପ୍ରାକ୍ତନ ସଭାପତି ମିନତି ସାହୁ, ଖବରଦାତା ରମାକାନ୍ତ ଜେନା, ସମାଜିକ କର୍ମୀ କାହ୍ନୁଚରଣ ଦାଶ, ପ୍ରାକ୍ତନ କଲେଜ ଅଧ୍ୟକ୍ଷ ରାମଚନ୍ଦ୍ର ସାହୁ, ଅଦର୍ଶ ଶିକ୍ଷକ ଦୁର୍ଯ୍ୟୋଧନ ମହାନ୍ତି ଯୋଗଦେଇ ରାଖୀ ପୂର୍ଣ୍ଣିମାର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡ଼ଚଣା ଶାଖାର ସରୋଜ ଭାଇ, ଜାରକା ଶାଖାର ଅଲିଅଳୀ ଭଉଣୀ, କୁଆଖିଆ ଶାଖାର ସୁଧା ଭଉଣୀ ସମସ୍ତଙ୍କୁ ରାକ୍ଷୀ ବାନ୍ଧିଥିଲେ। କଳାକର ଭାଇ, ବିରଜା ଭାଇ, କୃଷ୍ଣ ଭାଇ ଓ ବାଙ୍କ ଭାଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।


ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଭଉଣୀମାନେ ରାଖୀ ବାନ୍ଧୁଛନ୍ତି।

# ଗ୍ରାମରକ୍ଷୀ ସଂଘ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ


ଅତିଥିଙ୍କ ଗହଣରେ ଗ୍ରାମରକ୍ଷୀ ସଂଘ କର୍ମକର୍ତ୍ତା।

ଧର୍ମଶାଳା,୧୮।୮(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ୍ ଅଧୀନ ଜାରକା ପଞ୍ଚାୟତ ଶଙ୍ଖାରିଡ଼ିହ ଛକରେ ନିଖିଳ ଓଡ଼ିଶା ଗ୍ରାମରକ୍ଷୀ ମହାସଂଘର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ସଭାପତି ଜଟେଶ୍ୱର ମଲିକ ଯୋଗଦେଇ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଜିଲା ସଭାପତି ଗୋକୁଳାନନ୍ଦ ରାଉତ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ପାଦକ ସଞ୍ଜୟ ମଲିକ ଓ କୋଷାଧ୍ୟକ୍ଷ ବାବନ ଚରଣ ମଲିକ ଯୋଗଦେଇ ୭ଦଫା ଦାବିପୂରଣ ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କୃଷ୍ଣଚନ୍ଦ୍ର ମଲିକ, ଯୋଗେଶ୍ୱର ନାୟକ, ରବୀନ୍ଦ୍ର ନାୟକ, ରାଧାଶ୍ୟାମ ମଲିକ, ବୈକୁଣ୍ଠ ନାୟକ, ପ୍ରତାପ ମଲିକ, ସୁଦାମ ମହାନ୍ତି, ହରିହର ନାୟକ, ମଦନ ମଲିକ, ନନ୍ଦକିଶୋର ନାୟକ ପ୍ରମୁଖ ଯୋଗଦେଇ ଗ୍ରାମରକ୍ଷୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଉମେଶ ମଲିକ ଧନ୍ୟବାଦ ଦେଇଥିଲେ।

# ନର୍ସିଂ କର୍ମଚାରୀଙ୍କ କ୍ୟାଣ୍ଡେଲ ଶୋଭାଯାତ୍ରା

ଯାଜପୁର ଟାଉନ,୧୮।୮
(ପ୍ରଯନ୍ତ୍ରା ପ୍ରିୟଦର୍ଶିନୀ ମହାନ୍ତି):

କୋଲକାତାର ଆର୍.ଜି କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ଜଣେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାକୁ ନେଇ ବିଭିନ୍ନ ମେଡିକାଲ କଲେଜର ଡାକ୍ତରୀ ଛାତ୍ରୀଛାତ୍ର ପ୍ରତିବାଦ କରୁଛନ୍ତି। ରବିବାର ଯାଜପୁର ଯଯାତିକେଶରୀ ମେଡିକାଲ କଲେଜ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟର ନର୍ସିଂ କର୍ମଚାରୀ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରି ଏହାର ପ୍ରତିବାଦ କରିଛନ୍ତି। ଯାଜପୁର ମୁଖ୍ୟ ଚିକିତ୍ସାଳୟରୁ ଶୋଭାଯାତ୍ରା ବାହାରି ସହରର ଗରିଆପୁର, ବଡ଼ବଜାର, ହରପାର୍ବତୀ ଛକ, ମାର୍କେଟ ଛକ, ହାବେଳି ବଜାର, ଗାନ୍ଧୀ ଛକ ଦେଇ ସହର ପରିକ୍ରମା କରିଥିଲା। ବଳାତ୍କାର ପରେ ହତ୍ୟା କରାଯାଇଥିବା ମହିଳା ଡାକ୍ତରଙ୍କ ପରିବାରକୁ ନ୍ୟାୟ ପ୍ରଦାନ ସହ ସ୍ୱତନ୍ତ୍ର ସୁରକ୍ଷା ଆଇନ ପ୍ରଣୟନ ପାଇଁ ଦାବି କରାଯାଇଥିଲା। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶିବାଶିଷ ମହାରଣା, ନର୍ସିଂ ଅଫିସର ମମତା ମହାନ୍ତି, ତୃପ୍ତିମୟୀ ପାତ୍ର, ରଞ୍ଜନ ବଳବନ୍ତରାୟ, ବିଶ୍ୱରଞ୍ଜନ ଓଝା, ଲିଙ୍କି ସୋମାଲିକା ସାହୁ, ମଞ୍ଜୁଲତା ମଲ୍ଲିକ, ଅନୁପମା ସାହୁ ଓ ପ୍ରିୟମ୍ବଦା ବେହେରାଙ୍କ ସମେତ ଶତାଧିକ ନର୍ସିଂ କର୍ମଚାରୀ ସାମିଲ ହୋଇଥିଲେ।



ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ପ୍ରତିବାଦରେ ଯାଜପୁର ଯଯାତିକେଶରୀ ମେଡିକାଲ କଲେଜ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟର ନର୍ସିଂ କର୍ମଚାରୀଙ୍କ କ୍ୟାଣ୍ଡେଲ ଶୋଭାଯାତ୍ରା।

**ନିଆଁ ଲାଗି ଗୁହାଳ, ଘର ପୋଡ଼ିଗଲା**

ପାଟକୁରା ( ରବୀନ୍ଦ୍ର ନାଥ ବାରିକ ): ଗରଦପୁର ତହସିଲ ଅନ୍ତର୍ଗତ ମାହାଳ ଗାଁର ଟିକିଆ ମାହାଲିଙ୍କ ଗୁହାଳ ଓ ଘର ନିଆଁ ଲାଗି ସମ୍ପୂର୍ଣ୍ଣ ପୋଡ଼ି ଯାଇଛି। ଗୁହାଳରେ ଥିବା ଗାଈ, ବାଛୁରି ଓ ଛେଳି ଅଳ୍ପକେ ଉଦ୍ଧାର ହୋଇଥିଲେ ମଧ୍ୟ ଆହତ ହୋଇଛନ୍ତି। ନିଆଁକୁ ଗ୍ରାମବାସୀ ଓ ଅନ୍ୟମାନେ ଆୟତ୍ତ କରିଥିଲେ ହେଁ ଘରେ ଥିବା ଆସବାବପତ୍ର, ବାସନକୁସନ, ଧାନ, ମୁଗ, ବିରି ପୋଡ଼ିଯାଇଛି। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚିଲେ ହେଁ ଘଟଣାସ୍ଥଳକୁ ଯିବାକୁ ରାସ୍ତା ନ ଥିବାରୁ ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ପାଇପ ପକାଇ ନିଆଁକୁ ଆୟତ୍ତ କରିଥିଲେ। ଗୁହାଳ ଘରେ ଧୂଆଁ ଦେଉଥିବା ହେତୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି।

## କେନାଲକୁ ଆସୁନି ପାଣି

# ବିଲରେ ଶୋଇ ଚାଷୀଙ୍କ ପ୍ରତିବାଦ

**ଜଗତ୍‌ସିଂହପୁର, ୧୮।୮ (ପ୍ରମୋଦ କୁମାର ନାୟକ)**



ରସଲପୁର ଗ୍ରାମର ଚାଷୀମାନେ ବିଲରେ ଶୋଇ ପ୍ରତିବାଦ କରୁଛନ୍ତି।

**ଜଗତ୍‌ସିଂହପୁର ଜିଲା**

■ଜଳସେଚନ, ଜଳ ନିଷ୍କାସନ ପାଇଁ ମାଷ୍ଟର ପ୍ଲାନ୍ ଜରୁରୀ

■୨୦୧୦-୨୦୧୧ ପରଠାରୁ ରବି ଋତୁରେ ପାଣି ଯୋଗାଣ ବନ୍ଦ ରହିଛି

ପ୍ରଶାସନର ତ୍ରୁଟିପୂର୍ଣ୍ଣ କୃଷିନୀତି ସାଙ୍ଗକୁ ଅବହେଳା ଯୋଗୁ କୃଷି ଉତ୍ପାଦନ ପ୍ରଭାବିତ ହେବା ସହ କୃଷିଭିତ୍ତିକ ଶିଳ୍ପ ରୁଗ୍‌ଣ ଓ ଅଚଳ ହେବାରେ ଲାଗିଛି। ଏହାଦ୍ୱାରା ଚାଷୀ ନିରାଶ ହେବା ସାଙ୍ଗକୁ ବେକାରି ସମସ୍ୟା ଉତ୍କଟ ହେବାରେ ଲାଗିଛି। ରବିବାର ଜଗତ୍‌ସିଂହପୁର ନିକଟ ରସଲପୁର ଗ୍ରାମର ଚାଷୀମାନେ କେନାଲରେ ପାଣି ଆସୁ ନ ଥିବା ଦର୍ଶାଇ ଶୁଖିଲା ବିଲରେ ଶୋଇ ପ୍ରତିବାଦ କରିଥିଲେ। ସେମାନଙ୍କ ଯୁକ୍ତି ଥିଲା, ଜଳ କର ଦେଉଥିଲେ ସୁଦ୍ଧା ବିଲକୁ କେନାଲ ପାଣି ଯାଉନାହିଁ। ଅନ୍ୟପଟେ ବର୍ଷା ନାହିଁ। ଏଥିଯୋଗୁ ବିଲ ଫାଟି ଆଁ କଲାଣି। ଏ ପରିସ୍ଥିତିରେ ସେମାନେ ଅସହାୟ ହୋଇ ପଡିଥିବା ଯୁକ୍ତି ବାଢିଛନ୍ତି। ଜଳ ସମ୍ପଦ ବିଭାଗ ଲୋକ ଦେଖାଣିଆ ଘାସ କାଟି କେନାଲ ସଫେଇ ନାଁରେ ଲକ୍ଷ ଲକ୍ଷ ଟଙ୍କା ଚଳୁ କରୁଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। କେବଳ ଏହି ଗାଁ ନୁହେଁ ଜିଲାର ଶତାଧିକ ଗ୍ରାମର ଲୋକେ ଅନୁରୂପ ଦୁର୍ଦ୍ଦଶା ଭୋଗୁଛନ୍ତି ବୋଲି ଅଭିଯୋଗ ହେଉଛି। ଅନ୍ୟପଟେ ଅଧିକ ବର୍ଷା ହେଲେ ମଧ୍ୟ ଚିନ୍ତାର କାରଣ ପାଲଟିଛି। କାରଣ ହଂସୁଆ, ଅଳକା, ସୁନ୍ଦରକଣୀ ଓ ଗୋବରୀ ପାର୍ଶ୍ୱବର୍ତ୍ତୀ ଇଲାକାରେ ଜଳ ନିଷ୍କାସନ ସମସ୍ୟା ବଢିଯିବ। ସମ୍ଭାବ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାର ତୁରନ୍ତ ମାଷ୍ଟର ପ୍ଲାନ ପ୍ରସ୍ତୁତ କରି ସମାଧାନ କରିବାକୁ ଦାବି ହୋଇଛି।

ଏ ସମ୍ପର୍କରେ କେତେଜଣ ଚାଷୀ ନେତାଙ୍କ କହିବା କଥା ହେଲା, ଜିଲାରେ ପ୍ରବାହିତ ତାଳଦଣ୍ଡା ଓ ମାଛଗାଁ ମୁଖ୍ୟ କେନାଲ ସମେତ ଏହାର ମୁଖ୍ୟ ଶାଖା କେନାଲଗୁଡିକୁ ପକ୍କା ସହ ସୁଦୃଢ଼ୀକରଣ କରିବା ଆବଶ୍ୟକ ହୋଇପଡ଼ିଛି। ସମସ୍ତ ଚାଷ ଜମିକୁ ଯେପରି ଜଳସେଚନ ସମ୍ଭବ ହେବ ସେଥିପ୍ରତି ସରକାର ସୁନିଶ୍ଚିତ କରନ୍ତୁ। ହଂସୁଆ, ଅଳତା ସମେତ ଜିଲାର ସମସ୍ତ ଜଳ ନିଷ୍କାସନ ମାଧ୍ୟମ ଉପରେ ମାଷ୍ଟର ପ୍ଲାନ କାର୍ଯ୍ୟକାରୀ କରାଯାଉ। କେତେକ ସ୍ଥାନରେ ଥିବା ପୋଲ (ପାଇଲିଂ ଖୁଣ୍ଟଯୁକ୍ତ) ଓ ଅଙ୍କାବଙ୍କା ସ୍ଥାନରେ ଦଳ ଲାଗି ରହୁଥିବାରୁ ବର୍ଷା ଦିନ ପୂର୍ବରୁ ଏଗୁଡିକୁ ଭଲଭାବେ ସଫେଇ କରାଯାଉ। ଅନ୍ୟପଟେ ଏହି ଦଳକୁ କମ୍ପୋଷ୍ଟ ବା ଜୈବିକ ଖତରେ ପରିଣତ କରି ଚାଷୀଙ୍କ ଉପକାର ପାଇଁ ବ୍ୟବହାର କରାଯାଉ। ରାଜ୍ୟ ସରକାର ଏ ବାବଦରେ ଚୂଡାନ୍ତ ନିଷ୍ପତ୍ତି ନେଇ ବଜେଟ ଅଟକଳ କରନ୍ତୁ। ରାଜ୍ୟ ସରକାର କର୍ପୋରେଟ୍ ସଂସ୍ଥାଗୁଡିକ ପ୍ରତି ବିଶେଷ ଅନୁକମ୍ପା ପ୍ରଦର୍ଶନ ପୂର୍ବକ ଜଳ, ଜମି ଓ ଜଙ୍ଗଲ ଭଳି ପ୍ରାକୃତିକ ସମ୍ପଦ ଟେକି ଦେଉଛନ୍ତି। କିନ୍ତୁ ଏହି ସଂସ୍ଥାଗୁଡିକ ଲୁଟି ଚାଲିଛନ୍ତି। ସଦ୍ୟ ସୂଚନା ଅନୁଯାୟୀ, ଏହି ସଂସ୍ଥାଗୁଡିକ ଉପରେ ବହୁ କୋଟି ଟଙ୍କାର ଜଳକର ବାକି ରହିଛି। କିନ୍ତୁ ଚାଷୀମାନଙ୍କଠାରୁ ଜଳକର ଓ ସମସ୍ତ ଟିକସ ଆଦାୟ କରାଯାଉଛି। ମହାନଦୀ ଆମର ଜୀବନରେଖା। ଏହାକୁ ଆଧାର କରି ମହାନଦୀ ଅବବାହିକାର କଟକ ସଦର ସମେତ ସମଗ୍ର ଜଗତ୍‌ସିଂହପୁର ଜିଲାରେ କୃଷି, କୃଷକ ଓ ବାଣିଜ୍ୟ ନିର୍ଭରଶୀଳ। ଜିଲାର ଜଳସେଚନକୁ ସ୍ୱାଭାବିକ କରିବା ପାଇଁ ତାଳଦଣ୍ଡା ଓ ମାଛଗାଁ କେନାଲ ବ୍ରିଟିଶ ସମୟରୁ ଖୋଳାଯାଇଥିଲା। ଏହି କେନାଲଦ୍ୱୟ ଜିଲାର ପ୍ରାୟ ୭୦-୮୦ ଭାଗ ଚାଷ ଜମିକୁ ଜଳସେଚନ କରିବା ନିମନ୍ତେ ଆୟକଟ୍ କ୍ଷେତ୍ର ଚିହ୍ନଟ କରାଯାଇଥିଲା। ସ୍ୱାଧୀନତା ପରବର୍ତ୍ତୀ ସମୟରେ ଏହି କେନାଲ ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ସହ ବଳକା ଦ୍ରବ୍ୟକୁ ବିପଣନ ପାଇଁ ସୁଯୋଗ ସୃଷ୍ଟି କରି ପାରୁଥିଲା। ଏ ସମ୍ପର୍କରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ରଶ୍ମିରଞ୍ଜନ ସ୍ୱାଇଁ କହିଛନ୍ତି, ୨୦୦୦ ମସିହାଠାରୁ ବ୍ୟତିକ୍ରମ ଲକ୍ଷ୍ୟ କରାଯାଉଛି। ଅର୍ଥାତ୍ କେନାଲ ଆୟକଟ କ୍ଷେତ୍ରକୁ ପାଣି ଯୋଗାଣରେ ଅନିଶ୍ଚିତତା ଲାଗିରହିଛି। ୨୦୧୦-୨୦୧୧ ପରଠାରୁ ରବି ଋତୁରେ ପାଣି ଯୋଗାଣ ଅଦ୍ୟାବଧି ବନ୍ଦ ରହିଛି। ପ୍ରତିବର୍ଷ ଜମି ପ୍ରସ୍ତୁତି, ତଳିପକାଇବା ଆଦି କାର୍ଯ୍ୟ ଜୁନ ମାସ ଶେଷ ସପ୍ତାହ ମଧ୍ୟରେ ହୁଏ। ତେଣୁ ଏହା ପୂର୍ବରୁ କେନାଲ ପାଣି ଛଡ଼ାଯିବା ବ୍ୟବସ୍ଥା ଥିଲେ ସୁଦ୍ଧା ତାହା କରାଯାଉନାହିଁ। ଦୁଃଖର କଥା ହେଲା, ଗତବର୍ଷ ଜଳ ନିଷ୍କାସନ ସମସ୍ୟା ଯୋଗୁ ମାଛଗାଁ ମୁଖ୍ୟ କେନାଲର ଦଳେଇ ଘାଇ, ତରିକୁନ୍ଦଠାରେ ଯଥାକ୍ରମେ ୨୦ ଓ ୨୫ ଫୁଟର ଘାଇ ସୃଷ୍ଟି ହୋଇ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ସେହିଦିନଠାରୁ ପ୍ରାୟ ୧୫ଦିନ ଧରି ଚାଷ ଜମିକୁ କେନାଲ ଜଳ ବନ୍ଦ ରହିଥିଲା। ସେହିପରି ଚଳିତ ଅଗଷ୍ଟରେ ବର୍ତ୍ତମାନ ସୁଦ୍ଧା ଜିଲାରେ କମ୍ ବୃଷ୍ଟିପାତ ହୋଇଛି। ଏହାଦ୍ୱାରା ଅନେକ ସ୍ଥାନରେ ଚାଷ ଜମି ଫାଟି ଆଁ କଲାଣି। ଏବେବି ଅନେକ ଚାଷ ଜମି ପଡିଆ ପଡିଛି ବୋଲି ସ୍ୱାଇଁ କହିଛନ୍ତି। ଏବେ ନୂଆ ସରକାର ଆସିଥିବାରୁ ଜିଲାରେ ଜଳସେଚନ ଓ ଜଳ ନିଷ୍କାସନ ସମସ୍ୟାର ସମାଧାନ ପାଇଁ ସରକାର ମାଷ୍ଟର ପ୍ଲାନ କାର୍ଯ୍ୟକାରୀ କରିବେ ବୋଲି ଲୋକେ ଆଶାବାଦୀ ଅଛନ୍ତି। ଏହା ହେଲେ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇ ଦିଆଯାଇପାରିବ ବୋଲି କୁହାଯାଇଛି। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗ ଜଗତ୍‌ସିଂହପୁର ଡିଭିଜନ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ପ୍ରଦୀପ ନାୟକ କହିଛନ୍ତି, ରସଲପୁର ଚାଷୀମାନେ ଯେଉଁ ସମସ୍ୟାରେ ପଡ଼ିଥିବା କଥା ଉଲ୍ଲେଖ କରିଛନ୍ତି ତାହା ତାଙ୍କ ବିଭାଗ ପରିସରଭୁକ୍ତ ନୁହେଁ। ଉପ ଜମି ହୋଇଥିବାରୁ କାଡ଼ା କେନାଲରେ ପାଣି ଉଠୁ ନ ଥିବାର ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ସେ କହିଛନ୍ତି।

# ବୃକ୍ଷ ବଞ୍ଚିଲେ ଆମେ ବଞ୍ଚିବା

## ଜିଲା କୃଷକ ସଙ୍ଗଠନ ପକ୍ଷରୁ ବିଦ୍ୟାଳୟରେ ଚାରାରୋପଣ

**ରଘୁନାଥପୁର,୧୮।୮(ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକ ଗୋକୁଳପୁରସ୍ଥିତ ସାରଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ଜଗତ୍‌ସିଂହପୁର ଜିଲା କୃଷକ ସଙ୍ଗଠନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। 'ପରିବେଶ ସୁରକ୍ଷା ଓ ଛାତ୍ରୀଛାତ୍ରଙ୍କ ଦାୟିତ୍ୱ' ଶୀର୍ଷକ ଏକ ସଭାରେ ସଙ୍ଗଠନର ସଭାପତି ଗୋବିନ୍ଦ ଜେନା ଯୋଗଦେଇ ବହୁ ଉପାଦେୟ ମନ୍ତବ୍ୟ ଦେବା ସହ ବୃକ୍ଷ ବଞ୍ଚିଲେ ଆମେ ବଞ୍ଚିବା ବୋଲି ପ୍ରକାଶ କରିଥିଲେ। ସଙ୍ଗଠନର ସମ୍ପାଦକ ଇଂ. ବାବାଜୀ ଚରଣ ଜେନା ଚାରାରୋପଣର ଆବଶ୍ୟକତା ଏବଂ ଏହା ପରିବେଶକୁ କିପରି ସୁରକ୍ଷା ଦେବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସଙ୍ଗଠନର ଉପସଭାପତି ସାରଦା ରାୟ ଓ ଯୁଗ୍ମ ସମ୍ପାଦକ ବିନୋଦବିହାରୀ ମହାନ୍ତି ଓ ବିଦ୍ୟାଳୟର ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ଚାରା ଲଗାଇବା ପାଇଁ ପ୍ରେରଣା ଦିଅନ୍ତୁ ବୋଲି କହିଥିଲେ। ପ୍ରଧାନଶିକ୍ଷକ ବିଶ୍ୱଜିତ ଓଝା ସଭାରେ ପୌରୋହିତ୍ୟ କରି ଗୁରୁଜନଙ୍କ ଆଦେଶକୁ ପାଳନ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ଫଳ ଚାରା ଚାରାରୋପଣ କରାଯାଇଥିଲା। ଏଥିରେ ଶିକ୍ଷକ କିଶୋର ଚନ୍ଦ୍ର ସେଠୀ, ଦିବାକର ମହାକୁଡ଼, ମୌସୁମୀ ରଥ, ରଞ୍ଜିତା ବେହେରା, ଗୀତାରାଣୀ ବିଶ୍ୱାଳ, ଶକୁନ୍ତଳା ସେଠୀ, ଆଲୁମ୍‌ନି ସଦସ୍ୟ ଚନ୍ଦ୍ରଶେଖର ସିଂହ,ଅର୍ପିତା ସିଂହ ଓ ହରେକୃଷ୍ଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ସାରଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ର ଓ ଅନ୍ୟମାନେ ଚାରାରୋପଣ କରୁଛନ୍ତି।

# ମହାବିଦ୍ୟାଳୟ ପ୍ରବେଶପଥରେ ପାଣି

**ରାହାମା,୧୮।୮(ଶ୍ରୀକାନ୍ତ ଦାସ)**

■ଦୁର୍ଦ୍ଦଶା ଭୋଗୁଛନ୍ତି ଛାତ୍ରୀଛାତ୍ର, ଅଧ୍ୟାପକ, କର୍ମଚାରୀ

■ଆନ୍ଦୋଳନ ପାଇଁ ଚେତାବନୀ

ଜଗତ୍‌ସିଂହପୁର ଜିଲାର ସୁନାମଧନ୍ୟ ମହାବିଦ୍ୟାଳୟ ମଧ୍ୟରେ ରାହାମାସ୍ଥିତ ସାରଳା ମହାବିଦ୍ୟାଳୟ ଅନ୍ୟତମ। ମାତ୍ର ଏହି ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବର୍ଷା ପାଣି ଜମା ହୋଇରହିଛି। ଦୀର୍ଘଦିନ ଧରି ପାଣି ଜମିରହିଥିବାରୁ ସେଠାରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଏପରିକି ଜଳବାହିତ ରୋଗ ବ୍ୟାପୁଛି। ଥଣ୍ଡା, ଜ୍ୱର ଓ ଚର୍ମଭଳି ବିଭିନ୍ନ ରୋଗରେ ସ୍ଥାନୀୟ ଲୋକେ ଆକ୍ରାନ୍ତ ହେଉଛନ୍ତି। ମାତ୍ର ଅନ୍ୟ କୌଣସି ଉପାୟ ନ ପାଇ ଛାତ୍ରୀଛାତ୍ର, ଅଭିଭାବକ, ଅଧ୍ୟାପିକା,ଅଧ୍ୟାପକ ଏବଂ ମହାବିଦ୍ୟାଳୟର କର୍ମଚାରୀମାନେ ପାଣି ଭିତରେ ପଶି ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି। ଦୁଇଚକିଆ ଗାଡ଼ି ଏହି ବାଟ ଦେଇ ଗଲେ ସେଥିରେ ପାଣି ପଶି ଗାଡ଼ି ଖରାପ ହୋଇଯାଉଛି ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ସମସ୍ୟାର ଯଥାଶୀଘ୍ର ସମାଧାନ କରିବାପାଇଁ ଛାତ୍ରୀଛାତ୍ରମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ନଚେତ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ଦୀପକ ରଞ୍ଜନ ସ୍ୱାଇଁଙ୍କୁ ଯୋଗଯୋଗ କରିବାରେ, ଏବେ ବର୍ଷା ଲାଗି ରହିଛି। ଏହା ଛାଡ଼ିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।




ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବର୍ଷା ପାଣି ଜମିଛି।

# ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାକୁ ଆହ୍ୱାନ

**ରାହାମା,୧୮।୮(ଶ୍ରୀକାନ୍ତ ଦାସ )**

**ବିଶ୍ୱ ହିନ୍ଦୁ ପରିଷଦର ଜିଲା କାର୍ଯ୍ୟକାରିଣୀ ବୈଠକ**

କୁଜଙ୍ଗ ବ୍ଲକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତାଳପଡା, ରାହାମାଠାରେ ବିଶ୍ୱ ହିନ୍ଦୁ ପରିଷଦର ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱ ହିନ୍ଦୁ ପରିଷଦର ଜିଲା ଧର୍ମାଚାର୍ଯ୍ୟ ସମ୍ପର୍କ ପ୍ରମୁଖ ଡ. ସୁନାକର ବେହେରା ବୈଠକରେ ସଂଯୋଜନା କରି ଉପସ୍ଥିତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଜିଲା ସଭାପତି ପଣ୍ଡିତ ପ୍ରଫୁଲ୍ଲ ଚନ୍ଦ୍ର ସାହୁ ଏଥିରେ ସଭାପତିତ୍ୱ କରିଥିବା ବେଳେ ଜିଲା ସମ୍ପାଦକ ନଳିନୀ ବାବା ହିନ୍ଦୁତ୍ୱ, ପ୍ରତ୍ୟେକ ପ୍ରଖଣ୍ଡ, ପଞ୍ଚାୟତ ଓ ଗ୍ରାମୀଣସ୍ତରରେ ସଙ୍ଗଠନକୁ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାରେ କିପରି ସମସ୍ତେ ଏକତା ସୂତ୍ରରେ ବାନ୍ଧି ହୋଇ ପାରିବେ ସେନେଇ ଉପସ୍ଥିତ କାର୍ଯ୍ୟକର୍ତ୍ତାମାନଙ୍କୁ ପ୍ରେରଣା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଶୁ ବିଦ୍ୟା ମନ୍ଦିର ତାଳପଡାର ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ କୁମାର ଶତପଥୀ, ନବକାକେଳି ସମ୍ପାଦକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ଉତ୍କଳୀୟ ସନାତନ ପରିଷଦର ସଭାପତି ରମାକାନ୍ତ ଦାସ, ରାମାୟଣୀ ପଣ୍ଡିତ ଅଭୟ ଦାଶ, ବିଶ୍ୱ ହିନ୍ଦୁ ପରିଷଦର ଜିଲା ସତ୍‌ସଙ୍ଗ ପ୍ରମୁଖ ଡ. ଧ୍ରୁତିଧର ଦାସ, ଜିଲା ସହ ଧର୍ମାଚାର୍ଯ୍ୟ ଡ.ଅରୁଣ କୁମାର ପାଣି,ବିଶ୍ୱ ହିନ୍ଦୁ ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା ଦେବବ୍ରତ ମହାନ୍ତି, ବିଶରକ୍ଷେତ୍ର ଜଗନ୍ନାଥ ମନ୍ଦିର ମୁଖ୍ୟ ରାମଚନ୍ଦ୍ର ଦାସ ଓ ସନ୍ଥ ଶ୍ରୁତି ସାଗର ସରସ୍ୱତୀ ମହାରାଜ ପ୍ରମୁଖ ଯୋଗଦେଇ ପ୍ରତି ଗ୍ରାମରେ ଭାଗବତ ଟୁଙ୍ଗି ଗଠନ କରି ଧର୍ମାନ୍ତୀକରଣ ରୋକିବା ଉପରେ ଆଲୋକପାତ କରିଥିଲେ।



ବୈଠକରେ ଯୋଗଦେଇଥିବା ବିଶ୍ୱ ହିନ୍ଦୁ ପରିଷଦର ନେତୃମଣ୍ଡଳୀ।



ପାରାଦୀପ ମାଛଧରାବନ୍ଦର ଅକ୍ସନ୍ ହଲ ମଧ୍ୟରେ ମହିଳାମାନେ ସମୁଦ୍ର କଙ୍କଡ଼ାକୁ ରବର ଜରିଆରେ ପ୍ୟାକିଂ କରୁଛନ୍ତି।(ଫଟୋ - ଶରତ କୁମାର ରାଉତ)

# ନିଷ୍ଠା, ଏକାଗ୍ରତା ବ୍ୟକ୍ତିଙ୍କୁ ଶୀର୍ଷ ସ୍ଥାନରେ ପହଞ୍ଚାଏ

**ରଘୁନାଥପୁର,୧୮।୮ (ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକ ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନାଦି ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ସଫଳ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରଣତିଲତା ଦାଶଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟ ପକ୍ଷରୁ ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଶୁଭଶ୍ରୀ ବାରିକ, ପ୍ରିୟଙ୍କା ପାତ୍ର ଓ ସୋନମ ସୁଙ୍କୁ ଟ୍ରଷ୍ଟ ଦ୍ୱାରା ସମ୍ମାନିତ କରାଯାଇଥିଲା। ଏହାଛଡା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରାକ୍ତନ ଶିକ୍ଷକ ବାବାଜୀ ଚରଣ ସାହୁ ଓ ପୋଲିସ ଅଧିକାରୀ ଚକ୍ରଧର ମହାପାତ୍ରଙ୍କୁ ମଧ୍ୟ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ଅଭିଭାଷଣ ରଖିବା ଅବସରରେ ପ୍ରାକ୍ତନ ଶିକ୍ଷକ ସାହୁ ବହୁ ଉପାଦେୟ ଉପଦେଶ ପ୍ରଦାନ କରିବା ସହ ନିଷ୍ଠା ଓ ଏକାଗ୍ରତା ବ୍ୟକ୍ତିଙ୍କୁ ଶୀର୍ଷ ସ୍ଥାନରେ ପହଞ୍ଚାଏ ବୋଲି କହିଥିଲେ। ବରିଷ୍ଠ ଶିକ୍ଷକ ନିକୁଞ୍ଜ କିଶୋର ଦାଶ ଅତିଥି ପରିଚୟ ଓ ଟ୍ରଷ୍ଟ ଅଧ୍ୟକ୍ଷା ସ୍ମିତା ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଓ ଜଣାଅଜଣା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୮ ଜଣ ପ୍ରତିଯୋଗୀଙ୍କୁ ଟ୍ରଷ୍ଟ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଶେଷରେ ଟ୍ରଷ୍ଟ ପ୍ରତିଷ୍ଠାତା ବିଭୂତି ଭୂଷଣ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ବିଦ୍ୟୁତ୍ କାଟକୁ ନେଇ ତେଜୁଛି ଅସନ୍ତୋଷ

**ରଘୁନାଥପୁର,୧୮।୮(ରାଜେନ୍ଦ୍ର ନାରାୟଣ ସିଂହ)**

**ମରାମତି ଆଳରେ କଟାଯାଉଛି ଲାଇନ**

ରଘୁନାଥପୁର ବ୍ଲକ ଅଞ୍ଚଳରେ ବିଦ୍ୟୁତ୍‌କାଟ ଏକ ପ୍ରମୁଖ ସମସ୍ୟା ରୂପେ ଉଭା ହୋଇଛି। ବାରମ୍ବାର ବିଦ୍ୟୁତ୍‌କାଟକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏ ସମ୍ପର୍କରେ ବୁଝିବା ପାଇଁ କମ୍ପାନୀ ପକ୍ଷରୁ ଦିଆଯାଇଥିବା ନମ୍ବରରେ ଫୋନ କଲେ ଦାୟିତ୍ୱରେ ଥିବା ଯନ୍ତ୍ରୀ ଫୋନ ଉଠାଉ ନ ଥିବା ଅଭିଯୋଗ ହୋଇଛି। ଏପରିକି ସେ ହେଡ୍ କ୍ୱାର୍ଟରରେ ରହୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ରଘୁନାଥପୁର ଟିପିସିଓଡିଏଲ ଅଧିକାରୀମାନେ ମରାମତି ଆଳରେ ବିଦ୍ୟୁତ୍‌କାଟ କରୁଛନ୍ତି ବୋଲି ରଘୁନାଥପୁର ମଣ୍ଡଳ ବିଦ୍ୟୁତ୍ ଉପଭୋକ୍ତା ସଂଘ ସମ୍ପାଦକ ଗୋବିନ୍ଦ ଜେନା ଅଭିଯୋଗ କରିଛନ୍ତି। ବିଭିନ୍ନ ସମୟରେ କମ୍ପାନୀ ପକ୍ଷରୁ ୩୩ କେଭି ଓ ୧୧ କେଭି ଲାଇନ ମରାମତି ପାଇଁ ଲୋକଙ୍କୁ ଅବଗତ କରାଯାଇ ବିଦ୍ୟୁତ୍ କାଟ କରାଯାଇଥାଏ। ଏହାଛଡା ବର୍ଷା ଓ ବଜ୍ରପାତ ସମୟରେ ମଧ୍ୟ ଲାଇନ କାଟିଦିଆଯାଇଥାଏ। ବର୍ଷା ଛାଡିବା ପରେ ମଧ୍ୟ କର୍ମଚାରୀମାନେ ତୁରନ୍ତ ବିଦୁତ୍ ସଂଯୋଗ ନ କରି ମନମୁଖି ଭାବେ ବିଳମ୍ବ କରିଥାନ୍ତି। ଏ ସମ୍ପର୍କରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ମରାମତି ପାଇଁ ବାରମ୍ବାର ବିଦ୍ୟୁତ୍ କଟାଯାଉଥିଲେ ମଧ୍ୟ ଗଛଡାଳ କାଟିବା କିମ୍ବା ପୁରୁଣା ଉପକରଣ ବଦଳାଯାଉନି କାହିଁକି ବୋଲି ଉପଭୋକ୍ତା ସଂଘ ପକ୍ଷରୁ ପ୍ରଶ୍ନ କରାଯାଇଛି। ଗତ ୧୦ ଦିନ ମଧ୍ୟରେ ସନ୍ଧ୍ୟା ପରଠୁ ଲାଇନ ରହୁ ନଥିବାବେଳେ ଦିନସାରା ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ଲୋକେ ଅସୁବିଧାରେ ସମ୍ମୁଖୀନ ହେଉଥିବା କହିଛନ୍ତି। ବିଦ୍ୟୁତ୍ ସେବା ବିତରଣ କମ୍ପାନୀ ଅଧୀନରେ ଥିବା ଯନ୍ତ୍ରୀ ଓ କର୍ମଚାରୀମାନେ ଉପଭୋକ୍ତାଙ୍କ ଅଭିଯୋଗ ତଥା ସମସ୍ୟା ପ୍ରତି କର୍ଣ୍ଣପାତ ନ କରିବା ନ୍ୟାୟିକ ବ୍ୟବସ୍ଥାର ପରିପନ୍ଥୀ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଆସନ୍ତା ଏକ ସପ୍ତାହ ମଧ୍ୟରେ ଅବସ୍ଥା ନ ସୁଧୁରିଲେ ସଙ୍ଗଠନ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସଂଘ ସଭାପତି ରଞ୍ଜନ ମହାନ୍ତି ଓ ସମ୍ପାଦକ ଜେନା ସତର୍କ କରାଇବା ସହ ଶକ୍ତିମନ୍ତ୍ରୀ ଓ ସଚିବ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଯନ୍ତ୍ରୀ ହୃଷୀକେଶ ଦାସଙ୍କୁ ଅନେକ ଥର ଫୋନ କରାଯାଇଥିଲେ ସୁଦ୍ଧା ସେ ଉଠାଇ ନ ଥିଲେ। ଏହି ସମସ୍ୟା ସମ୍ପର୍କରେ ଦୃଷ୍ଟି ଦିଆଯିବ ବୋଲି ନୂଆ ଏସ୍‌ଡିଓ ଭାବେ ଯୋଗଦେଇଥିବା ହରେକୃଷ୍ଣ ମାଝୀ ପ୍ରକାଶ କରିଛନ୍ତି।

# ଶ୍ରୀଶ୍ରୀ ବଡ଼ମା' ନାରୀମାନଙ୍କ ଆଦର୍ଶ

**ରାହାମା,୧୮।୮ (ଶ୍ରୀକାନ୍ତ ଦାସ )**

ତିର୍ତ୍ତୋଲ ଦୋଆବ ଅଞ୍ଚଳସ୍ଥିତ ବଉଲାଙ୍ଗଠାରେ ଠାକୁର ଶ୍ରୀଶ୍ରୀ ଅନୁକୂଳଚନ୍ଦ୍ରଙ୍କ ସ୍ତ୍ରୀ ଶ୍ରୀଶ୍ରୀ ବଡ଼ମାଙ୍କ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଏନେଇ ଆୟୋଜିତ ଧର୍ମସଭାରେ ଶିକ୍ଷାବିତ ରତ୍ନାକର ନାୟକ ସଭାପତିତ୍ୱ କରିଥିବା ବେଳେ ସହପ୍ରତି ଋତିକ ପଣ୍ଡିତ ହୃଷୀକେଶ ଆଚାର୍ଯ୍ୟ, ଡା.ଶରତ ସ୍ୱାଇଁ, ବିଜୟ ମାଦଳି, ବିରେନ୍ଦ୍ର ରାଉତ, ନିରଞ୍ଜନ ଜେନା, ଅଲେଖ ବିଶ୍ୱାଳ, ପ୍ରଫେସର ଶଶିକାନ୍ତ ନାୟକ, ସତ୍ୟବାନ ତ୍ରିପାଠୀ, ଦୀପକ ରାଜଗୁରୁ, ନିରୋଦ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଆଲୋଚକ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେଶ ଘୋଷ, ହୃଷୀକେଶ ଆଚାର୍ଯ୍ୟ ଶ୍ରୀଶ୍ରୀ ଠାକୁରଙ୍କ ଦିବ୍ୟଜୀବନରେ ନାରୀମାନଙ୍କ ଆଦର୍ଶ ଶ୍ରୀଶ୍ରୀ ବଡ଼ମା' ବୋଲି ଅଭିହିତ କରିଥିଲେ। ଉତ୍ତମ ଚରଣ ରାଉତ ଓ ଆଞ୍ଚଳିକ ମା' ଏବଂ ଭାଇମାନେ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ରାସ୍ତାରେ ବସ୍ ରହଣି, ଗମନାଗମନ ବାଧାପ୍ରାପ୍ତ

## ଜଗତ୍‌ସିଂହପୁର ବ୍ଲକ ଓ ତହସିଲ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଅବ୍ୟବସ୍ଥା



ସରକାରୀ ବସ୍ ରହିଥିବା ଯୋଗୁ ଯାତାୟାତରେ ସମସ୍ୟା ହେଉଛି।

**ଜଗତ୍‌ସିଂହପୁର, ୧୮।୮ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ବ୍ଲକ ଓ ତହସିଲ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତାରେ ସରକାରୀ ବସ ରହଣି ଯୋଗୁ ରାସ୍ତାଅବରୋଧ ହେବା ସହ ଅପରିଷ୍କାର ମଧ୍ୟ ରହୁଛି। ଏହି ୨ ସରକାରୀ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ପାର୍ଶ୍ୱରେ ନର୍ଦ୍ଦମା ପାଣି ଜମି ରହୁଥିବାରୁ ଜନଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ କେତେଜଣ ସରକାରୀ କର୍ମଚାରୀ ନାମ ଗୋପନ ରଖି କହିଛନ୍ତି, ସେମାନେ ବ୍ଲକ ଓ ତହସିଲ ପଛପଟ ସରକାରୀ କ୍ୱାର୍ଟର୍ସରେ ବସବାସ କରୁଛନ୍ତି। ଏହି କ୍ୱାର୍ଟର୍ସରେ ରାଜସ୍ୱ, ବ୍ଲକ, ତହସିଲ ଓ ଟ୍ରେଜେରି କର୍ମଚାରୀମାନେ ବସବାସ କରୁଛନ୍ତି। କ୍ୱାର୍ଟର୍ସ ସମ୍ମୁଖରେ ବ୍ଲକ, ତହସିଲ ସମେତ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ଙ୍କ କାର୍ଯ୍ୟାଳୟ ମଧ୍ୟ ରହିଛି। ଏତେଗୁଡ଼ିଏ ସରକାରୀ କାର୍ଯ୍ୟାଳୟ ଓ ସରକାରୀ କର୍ମଚାରୀଙ୍କ କ୍ୱାର୍ଟର୍ସ ଥାଇ ମଧ୍ୟ ଆବଶ୍ୟକ ସୁବିଧା ସୁଯୋଗ ମିଳିବା ପରିବର୍ତ୍ତେ ଅସୁବିଧା ଦେଖାଦେଉଛି। ପ୍ରତ୍ୟହ ବ୍ଲକ ଓ ତହସିଲ ମଧ୍ୟସ୍ଥ ରାସ୍ତା ପାର୍ଶ୍ୱରେ ସରକାରୀ ବସ୍‌ରାତ୍ର ରହଣି କରୁଛି, ଯେଉଁ କାରଣରୁ ରାସ୍ତା ସଙ୍କୁଚିତ ହୋଇଯାଉଛି ଏବଂ ଗମନାଗମନରେ ବାଧା ଉପୁଜୁଛି। ଏପରି କି ଜରୁରୀ ଆମ୍ବୁଲାନ୍ସ ସେବା ପହଞ୍ଚିବାରେ ବାଧା ଉପୁଜୁଛି। କ୍ୱାର୍ଟର୍ସରେ ରହୁଥିବା ଏବଂ ସାଧାରଣ ଜନତା ଏଥିଯୋଗୁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଧ୍ୟାନ ଦେବାକୁ ଦାବି ହୋଇଛି ।

## ଏନ୍ଏସିର ପ୍ରଥମ କାଉନ୍ସିଲରଙ୍କ ପରଲୋକ

ନୟାଗଡ଼,୧୮।୮(ଲୋକନାଥ ମିଶ୍ର)

ନୟାଗଡ଼ ଏନ୍ଏସିର ପ୍ରଥମ କାଉନ୍ସିଲର, ନୟାଗଡ଼ ଟ୍ରକ୍ ମୋଟର ଆସୋସିଏଶନର ସଭାପତି, ପ୍ରଥମ ଫୁଟବଲ୍ ଖେଳାଳି, ନୟାଗଡ଼ର ପ୍ରଥମ ସରକାରୀ ସ୍ୱୀକୃତିପ୍ରାପ୍ତ ବାଘ ଶିକାରୀ ଅନ୍ତର୍ଯ୍ୟାମୀ ଦାସ(୯୨)ଙ୍କ ଶନିବାର ରାତିରେ ପରଲୋକ ହୋଇଯାଇଛି।



ଅନ୍ତର୍ଯ୍ୟାମୀଙ୍କ ମୃତ୍ୟୁରେ ନୟାଗଡ଼ ଜିଲା ସଦରମହକୁମା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଦୁଃଖଦ ଖବରପାଇ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ରଣପୁରର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ନୟାଗଡ଼ ମ୍ୟୁନିସିପାଲିଟିର ଅଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ଅନ୍ତର୍ଯ୍ୟାମୀଙ୍କ ମୃତଦେହକୁ ପୁରୀ ସ୍ୱର୍ଗଦ୍ୱାରରେ ସଂସ୍କାର କରାଯାଇଛି।

# ସରପଞ୍ଚଙ୍କ ଆପତ୍ତିଜନକ ବ୍ୟବହାରକୁ ନେଇ ପ୍ରତିବାଦ

ନୟାଗଡ଼,୧୮।୮(ଲୋକନାଥ ମିଶ୍ର)

ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିସରରେ ଆୟୋଜିତ ଜନ ଆରୋଗ୍ୟ ସମିତି ବୈଠକରେ କଣ୍ଟିଲୋ ନାଗରିକ ମଞ୍ଚର ସଭାପତିଙ୍କୁ ସ୍ଥାନୀୟ ସରପଞ୍ଚ ଆପତିଜନକ ବ୍ୟବହାର ଦେଖାଇଥିବା ଅଭିଯୋଗ ହୋଇଛି। ସରପଞ୍ଚଙ୍କ ବ୍ୟବହାରକୁ ନେଇ ନାଗରିକ ମଞ୍ଚ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇବା ସହ ଘଟଣା ସମ୍ପର୍କରେ ନୟାଗଡ଼ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ଖଣ୍ଡପଡ଼ା ବିଧାୟକ, ଏସ୍‌ପି, ବିଡିଓ ଖଣ୍ଡପଡ଼ା, ତହସିଲଦାରଙ୍କୁ ମଧ୍ୟ ଅନୁରୂପ ସ୍ମାରକପତ୍ର ଦେଇଛନ୍ତି।

୧୩ ତାରିଖରେ କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ରର ଜନ ଆରୋଗ୍ୟ ସମିତିର ୩ୟ ବୈଠକ ଜିଲା ପରିଷଦ ସଦସ୍ୟା ଉଜ୍ଜ୍ୱଳ ମହାରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ବୈଠକକୁ ସମିତିର ନୀତିନିୟମ କ୍ରମେ ଗଡ଼ିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଭିଷାର ପଣ୍ଡା, କଣ୍ଟିଲୋ ସରପଞ୍ଚଙ୍କ ସମେତ କମିଟିର ସଦସ୍ୟାସଦସ୍ୟଙ୍କୁ ଡକାଯାଇଥିବା ବେଳେ ସ୍ୱତନ୍ତ୍ର ନିମନ୍ତ୍ରିତ ଭାବରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କୁ ମଧ୍ୟ ଡକାଯାଇଥିଲା। ନୂତନ ୨୪ ଘଣ୍ଟିଆ ଡାକ୍ତରଖାନା ନିମନ୍ତେ ୨.୨୦ କୋଟି ଟଙ୍କାର ଅନୁଦାନ ରାଶି ମଞ୍ଜୁର ହୋଇଥିଲେ ମଧ୍ୟ ୨ ବର୍ଷ ହେଲା ସ୍ଥାନ ନିରୂପଣ ହୋଇପାରୁନାହିଁ। ଏଭଳିସ୍ଥଳେ ଏକ ଜମି ଚିହ୍ନଟ କରାଯାଇ ଗତ ୧୪ ତାରିଖରେ ଏମ୍‌ପି ଓ ବିଧାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ନିମନ୍ତେ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ନୂତନ ଡାକ୍ତରଖାନା ନିର୍ମାଣ ନିମନ୍ତେ କଣ୍ଟିଲୋ ନାଗରିକ ମଞ୍ଚର ମୁଖ୍ୟ ଭୂମିକା ରହିଥିବା ବେଳେ ମଞ୍ଚର ସଭାପତିଏ ଦିଗରେ ଅହରହ ପ୍ରୟାସ ଜାରି ରଖିଥିଲେ। ଏଥିପାଇଁ ବିଧାୟକ ନାଗରିକ ମଞ୍ଚର ସଭାପତି ଅଖିଳ କୁମାର ମହାରଣାଙ୍କ ସମେତ ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ, ଅତିରିକ୍ତ ତହସିଲଦାର ରାଜାରାମ ଛତ୍ରିଆ ଓ କଟକ ଏମ୍‌ପିଙ୍କ ଖଣ୍ଡପଡ଼ା ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳୟାରସିଂ ବୈଠକରେ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ।

### ଜିଲାପାଳଙ୍କୁ ଫେରାଦ୍ ହେଲେ ନାଗରିକ ମଞ୍ଚ



ଜିଲାପାଳଙ୍କୁ ଖଣ୍ଡପଡ଼ା ନାଗରିକ ମଞ୍ଚ ପକ୍ଷରୁ ସ୍ମାରକପତ୍ର ଦିଆଯାଉଛି।

ବିଧାୟକଙ୍କ ଅନୁରୋଧକ୍ରମେ ସମ୍ପୃକ୍ତ ଅଧିକାରୀ ଓ ବ୍ୟକ୍ତି ବିଶେଷ ବୈଠକରେ ଯୋଗଦେଇଥିଲେ। ଆଲୋଚନା ପୂର୍ବରୁ ସରପଞ୍ଚ ରୋଗୀ କଲ୍ୟାଣ ସମିତିର ଅଧ୍ୟକ୍ଷାଙ୍କୁ ବୈଠକକୁ କେଉଁମାନଙ୍କୁ ଡକାଯାଇଛି ବୋଲି ପ୍ରଶ୍ନ କରିଥିଲେ। ନୀତି ନିୟମ ପ୍ରକାରେ କମିଟିର ସଦସ୍ୟାସଦସ୍ୟଙ୍କୁ ଡକାଯାଇଥିବା ବେଳେ ଉପସ୍ଥିତ ଥିବା ବ୍ୟକ୍ତି ବିଶେଷ ବିଧାୟକଙ୍କ ଅନୁରୋଧକ୍ରମେ ଆସିଥିବା ଅଧ୍ୟକ୍ଷା ସୂଚନା ଦେଇଥିଲେ।

ଦୀର୍ଘ ୨ ବର୍ଷ ହେଲା ୨୪ ଘଣ୍ଟିଆ ଡାକ୍ତରଖାନା ନିର୍ମାଣ ହୋଇ ପାରୁ ନ ଥିବାରୁ ଉପସ୍ଥିତ ଥିବା ଅଧିକାରୀ, ନାଗରିକ ମଞ୍ଚର ସଭାପତି ଓ ଏମ୍‌ପିଙ୍କ ପ୍ରତିନିଧିଙ୍କୁ ଡକାଇଥିବା ସମ୍ପର୍କରେ ସ୍ପଷ୍ଟୀକରଣ ଦେଇଥିଲେ। ତେବେ ଅଖିଳ ମହାରଣା ଉପସ୍ଥିତ ରହିଲେ ମୁଁ ବୈଠକରେ ରହିପାରିବି ନାହିଁ ଦର୍ଶାଇ ସରପଞ୍ଚ ବାହାରକୁ ଚାଲି ଯାଇଥିଲେ। ବିଧାୟକ ବୁଝାଇବା ପରେ ମଧ୍ୟ ସରପଞ୍ଚ ଜିଦରେ ଅଟଳ ରହି ବୈଠକକୁ ଯାଇ ନ ଥିଲେ। ତେବେ ନିଜର ସମ୍ମାନ ଦୃଷ୍ଟିରୁ ଏମ୍‌ପିଙ୍କ ପ୍ରତିନିଧି ବଳିୟାରସିଂ ଓ ନାଗରିକ ମଞ୍ଚର ସଭାପତି ବୈଠକରୁ ଉଠି ଚାଲିଯାଇଥିଲେ। ଏହି ଘଟଣାକୁ ନେଇ ବିଧାୟକ, ଉପସ୍ଥିତ ଥିବା ବିଡିଓ, ତହସିଲଦାର ଓ ସହକାରୀ ଯନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଅନ୍ୟପକ୍ଷେ ସରପଞ୍ଚଙ୍କ ଏପରି ବ୍ୟବହାରକୁ ନେଇ ପରବର୍ତ୍ତୀ ସମୟରେ ନିନ୍ଦା ପ୍ରସ୍ତାବ ଆଗତ କରାଯାଇଥିଲା। ଆୟୋଜିତ ବୈଠକରେ ସରପଞ୍ଚଙ୍କ ବ୍ୟବହାର ସହିତ ଡାକ୍ତରଖାନା ପରିସରରେ ଉକ୍ତ ସମୟରେ ଉପସ୍ଥିତ ଥିବା ସରପଞ୍ଚଙ୍କ ସ୍ୱାମୀ ଶିକ୍ଷକ ଶତ୍ରୁଘ୍ନ ବେହେରା ନାଗରିକ ମଞ୍ଚର ସଭାପତିଙ୍କୁ ଅଶାଳୀନ ମନ୍ତବ୍ୟ ଦେଖାଇ ଥିଲେ। ଏହାକୁ ନେଇ ପଞ୍ଚାୟତର ସମସ୍ତ କାର୍ଯ୍ୟକ୍ରମରେ ସରପଞ୍ଚଙ୍କ ସ୍ୱାମୀଙ୍କ ହସ୍ତକ୍ଷେପ ଓ ବିଭିନ୍ନ କାର୍ଯ୍ୟର ଅନିୟମିତତା ସମ୍ପର୍କରେ ଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଯିବାକୁ ସ୍ଥିର କରାଯାଇଥିଲା। ଏ ନେଇ ଶୁକ୍ରବାର ନାଗରିକ ମଞ୍ଚର କାର୍ଯ୍ୟକାରୀ ସଭାପତି ପ୍ରଭାକର ଶିରୋମଣି, ସମ୍ପାଦକ ଲକ୍ଷ୍ମୀଧର ଚିନରା, ଯୁଗ୍ମ ଉପସଭାପତି ବନମାଳୀ ସାହୁ ଓ ପ୍ରମୋଦ କୁମାର ଦଳେଇ, ସଭ୍ୟ ଶୁଭ୍ରାଂଶୁ କୁମାର ମହାରଣାଙ୍କ ସମେତ ଅନ୍ୟ ସଦସ୍ୟମାନେ ଜିଲାପାଳଙ୍କୁ ସାକ୍ଷାତ କରି ଶତାଧିକ ସଦସ୍ୟାସଦସ୍ୟଙ୍କ ସ୍ୱାକ୍ଷର ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏ ସମ୍ପର୍କରେ କଣ୍ଟିଲୋ ସରପଞ୍ଚ ଶ୍ରୀୟାରାଣୀ ବେହେରାଙ୍କୁ ପଚାରିବାରେ କାହାରିକୁ ଖରାପ ବ୍ୟବହାର ଦେଖାଇ ନାହିଁ। ମୋ ନାଁରେ ମିଥ୍ୟା ଅଭିଯୋଗ କରିବା ଠିକ୍ ନୁହେଁ। କେବଳ ଯେଉଁମାନେ କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ରର ଜନ ଆରୋଗ୍ୟ ସମିତିର ସଭ୍ୟ ଅଛନ୍ତି ସେମାନେ କେବଳ ବୈଠକରେ ଯୋଗ ଦିଅନ୍ତୁ। ଅନ୍ୟମାନେ ଦୟାକରି ଯାଇ ପାରନ୍ତି। ତେବେ କେତେଜଣ ବାହାର ଲୋକ ରହିବା ପରେ ସଭାରୁ ନିଜେ ଚାଲି ଯାଇଥିଲି। ପରବର୍ତ୍ତୀ ସମୟରେ ବୈଠକ କରାଯାଇଥିଲା।

## ସ୍ୱାସ୍ଥ୍ୟକେନ୍ଦ୍ରରେ ନେଟ୍‌ୱର୍କ ଫେଲ୍, ସମସ୍ୟାରେ କର୍ମଚାରୀ

ଖଣ୍ଡପଡ଼ା,୧୮।୮
(ଅଜୟ କୁମାର ମହାରଣା)

ଖଣ୍ଡପଡା ସହରର ୧୨ନଂ. ୱାର୍ଡରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା କାର୍ଯ୍ୟକ୍ଷମ ହେବା ପରେ ଅଞ୍ଚଳବାସୀଙ୍କ ଲାଗି ଅନେକ କିଛି ସୁବିଧା ଉପଲବ୍ଧ ହୋଇଥିବା ଜଣାଯାଇଛି। ମାତ୍ର ଏହି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଏସ୍ଏନ୍ଏଲ, ଜିଓ କିମ୍ବା ଅନ୍ୟ କୌଣସି ନେଟୱର୍କ ଉପଲବ୍ଧ ହେଉ ନ ଥିବାରୁ ନାନା ସମସ୍ୟା ଦେଖାଦେଇଛି। ଫଳରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର, କର୍ମଚାରୀଙ୍କଠାରୁ ଆରମ୍ଭ କରି ରୋଗୀଙ୍କ ସମ୍ପର୍କୀୟମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ଜରୁରିକାଳୀନ ପରିସ୍ଥିତିରେ ୧୦୮, ୧୦୨ ଆମ୍ବୁଲାନ୍ସ ସେବା ମିଳୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଥିବାବେଳେ ଡାକ୍ତରଙ୍କ ସହ ମୋବାଇଲ ଫୋନ ଯୋଗେ ଯୋଗାଯୋଗ କରିବା ସମ୍ଭବପର ହେଉନାହିଁ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ମୁଖ୍ୟ ରାସ୍ତା ଉପରକୁ ଆସିଲେ ବିଭିନ୍ନ କମ୍ପାନୀର ନେଟ୍‌ୱର୍କ ସେବା ଉପଲବ୍ଧ ହେଉଥିବା ଜଣାପଡିଛି। ଏଭଳି ଅଭାବନୀୟ ସ୍ଥିତି ସମ୍ପର୍କରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଅବଗତ ଥିଲେ ହେଁ ସମସ୍ୟାର ସମାଧାନ ଦିଗରେ କେହି ହେଲେ ଆନ୍ତରିକତା ପ୍ରକାଶ କରୁନାହାନ୍ତି। ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଭିସାର ପଣ୍ଡାଙ୍କୁ ପଚାରିବାରେ ସମସ୍ୟା ସମ୍ପର୍କରେ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଥିବା ପ୍ରକାଶ କରିଛନ୍ତି। ଉପରୋକ୍ତ ସମସ୍ୟା ପ୍ରତି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଖଣ୍ଡପଡ଼ା ବିଧାୟକ ଓ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ସମାଜର ବାସ୍ତବ ଚିତ୍ରକୁ କବି ଲେଖନୀରେ ପ୍ରକାଶ କରେ



ନୟାଗଡ଼,୧୮।୮(ଲୋକନାଥ ମିଶ୍ର)

### ଶ୍ରାବଣର ସ୍ୱର ସାହିତ୍ୟ ଆସର, କବିତାର ଆସର

ନୟାଗଡ଼ ଜିଲା ଲେଖକ ପରିଷଦ ଆନୁକୂଲ୍ୟରେ ଶ୍ରାବଣର ସ୍ୱର ସାହିତ୍ୟ ଆଲୋଚନା ଓ କବିତା ଆସର ନୟାଗଡ଼ ବ୍ଲକର ନୂଆ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଲେଖକ ପରିଷଦର ସଭାପତି ପ୍ରଧାନୀ ବୃନ୍ଦାବନ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ୭୦ରୁ ଊର୍ଦ୍ଧ୍ୱ କବି, କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ଓ ଗଳ୍ପ ପଠନ କରି ଅତିଥିମାନଙ୍କଠାରୁ ପ୍ରଶଂସାପତ୍ର ଗ୍ରହଣ କରିଥିଲେ। ଉତ୍ସବରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇ କହିଥିଲେ, କବି, ଲେଖକ ହେଉଛନ୍ତି ସମାଜର ଦର୍ପଣ। ସମାଜର ବାସ୍ତବ ଚିତ୍ରକୁ କବି ଲେଖନୀରେ ଉଜାଗର କରୁଥିବା ବେଳେ ଚିତ୍ରକର କାନ୍‌ଭାସରେ ତାକୁ ଉତାରିଥାଏ।

ଅନ୍ୟତମ ଅତିଥିଙ୍କ ମଧ୍ୟରେ ଶିକ୍ଷାବିତ୍, କବି ତଥା ମେହେର ସାହିତ୍ୟର ଧୂରିଣ ବକ୍ତା ଓ ଗବେଷକ ଜନାବ୍ ଜହିରୁଦ୍ଦିନ ଖାଁ ଯୋଗଦେଇ କହିଲେ, ରାମାୟଣ ଓ ମହାଭାରତର ଅନେକ ଉପାଦେୟ କଥା କହିବା ସହ ଗଙ୍ଗାଧର ମେହେରଙ୍କ ଜୀବନୀ ତଥା ସୃଷ୍ଟି ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଜିଲା ଲେଖକ ପରିଷଦର ସମ୍ପାଦକ ଶେଖ୍ ଅବଦୁଲ୍ ଖାଲିକ୍ ସ୍ୱାଗତ ଭାଷଣ ଦେଇଥିବାବେଳେ କବୟିତ୍ରୀ ସ୍ମିତା ସ୍ୱାଇଁ, ନୀଳିମା ନନ୍ଦ ଓ କବି ଗୋପୀନାଥ ସେଠୀ କବିତାପାଠକୁ ସଂଯୋଜନା କରିଥିଲେ। ଶେଷରେ ପରିଷଦ ଉପସଭାନେତ୍ରୀ କବୟିତ୍ରୀ ସୁକାନ୍ତି ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସାହିତ୍ୟିକ ଲଳିତ ମୋହନ ମିଶ୍ରଙ୍କ ଗଳ୍ପ ସଂକଳନ ଚେତନାର ଚଉହଦି ଓ ସୁରେଶ ଚନ୍ଦ୍ର ବରାଡଙ୍କ କବିତା ସଂକଳନ ବର୍ଷାକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

## ଡୁଲୁବିରେ ହାତୀ ଭାଙ୍ଗିଲା ଘର

ନୟାଗଡ଼,୧୮।୮(ଲୋକନାଥ ମିଶ୍ର)

- ୧୯ ଦିନ ହେଲା ଲାଗି ରହିଛି ହାତୀ ଭୟ
- ପାଳି କରି ଗାଁ ଲୋକ ଜଗୁଛନ୍ତି ଧାନ ଫସଲ

ନୟାଗଡ଼ ବନଖଣ୍ଡ ପଞ୍ଚରିଡା ରେଞ୍ଜ ଡୁଲୁବି ବିଟ୍ ଅଧୀନରେ ଥିବା ଡୁଲୁବି ଗାଁ ଓ ଗହୀରରେ ଜୁଲାଇ ୩୧ରୁ ପ୍ରାୟ ୧୯ ଦିନ ହେଲା ହାତୀ ଭୟ ଲାଗି ରହିଛି। ଶୁକ୍ରବାର ରାତିରେ ୧୭ ଜଣିଆ ହାତୀପଲ ଡୁଲୁବି ଗାଁରେ ପଶି ପନ୍ଦାରି ନାୟକଙ୍କର ଘର ଭାଙ୍ଗି ଦେଇଛନ୍ତି। ସେହିପରି ଡୁଲୁବିର ଭଗବାନ ରାଉତଙ୍କୁ ହାତୀ ଗୋଡାଇ ଥିଲା। ଭଗବାନ ଭୟରେ ଘର ପଶି କବାଟ ଦେବାରୁ ବର୍ତ୍ତି ଯାଇଥିଲେ। ୧୭ ଜଣିଆ ହାତୀପଲ ପଥରଗଣ୍ଡ ରିଜର୍ଭ ଜଙ୍ଗଲ ଶାଗୁଆନ ଜଙ୍ଗଲର ଗିରିଗାଁ ବଣରେ ରହି ଡୁଲୁବି ଗହୀରକୁ କ୍ଷତି କରି ଚାଲିଛନ୍ତି। ଗାଁ ଲୋକ ଓ ବନ ବିଭାଗ ପକ୍ଷରୁ ନିଆଁ ହୁଳା ଦେଖାଇ ହାତୀଙ୍କୁ ଘଉଡାଇଥିଲେ ମଧ୍ୟ ସୁଫଳ ମିଳୁନି। ଅନ୍ୟପକ୍ଷେ ଗାଁଲୋକ ରାତିରେ ଅନିଦ୍ରା ହୋଇ ହାତୀ ଘଉଡାଉଥିଲେ ମଧ୍ୟ ପ୍ରତିଦିନ ରାତିରେ କ୍ଷୟକ୍ଷତି କରି ଚାଲିଛନ୍ତି। ହାତୀ ଡୁଲୁବିର ହରି ନାୟକଙ୍କର ୧ ମାଣ, ଦୁଃଖିଶ୍ୟାମ ନାୟକର ୧ମାଣ, ସୁବାସ ଭୂୟାଁଙ୍କର ୨ମାଣ, ନିତେଇ ମାଝିଙ୍କ ୨ମାଣ, ଚନ୍ଦ୍ରମଣି ରାଉତଙ୍କର ୨୧ ଡେସିମିଲି, ପାଣ୍ଡୁ ଚରଣ ଭୂୟାଁଙ୍କ ୧ମାଣ, ମାଳସାହିର ସନ୍ୟାସି ନାୟକଙ୍କ ଦେଢ଼ ମାଣ ଧାନ ଫସଲ ନଷ୍ଟ କରିଛନ୍ତି। ଧାନ ଫସଲ ନଷ୍ଟ ହୋଇଥିବା ଚାଷୀ ଓ ଘର ଭାଙ୍ଗିଥିବା ପରିବାରକୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।



ଟାୟାର ଜାଳି ଗାଁ ଲୋକେ ହାତୀ ଘଉଡ଼ାଉଛନ୍ତି।

## ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳାନୁଶାସକଙ୍କ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିଦର୍ଶନ

ଖଣ୍ଡପଡା,୧୮।୮(ଅଜୟ କୁମାର ମହାରଣା)

ଆନ୍ଧ୍ର ପ୍ରଦେଶ ରାଜ୍ୟର ତିରୁପତିସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳାନୁଶାସକ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଖଣ୍ଡପଡ଼ା ଗସ୍ତରେ ଆସି ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ଶନିବାର ପରିଦର୍ଶନ କରିଥିଲେ। ସାମ୍ବାଦିକ ସଂଘର ସଦସ୍ୟମାନେ ପ୍ରଫେସର ଆଚାର୍ଯ୍ୟଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରି ସ୍ୱାଗତ, ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସଂଘର ସଭାପତି ବିନାୟକ ମିଶ୍ର, ସମ୍ପାଦକ ଭବାନୀ ଶଙ୍କର ସିଂହ ସାମନ୍ତଙ୍କ ସହ ଆଲୋଚନା ବେଳେ ଗଡଜାତ ଅଞ୍ଚଳର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ଅତ୍ୟନ୍ତ ମହତ ବୋଲି ପ୍ରଫେସର ଆଚାର୍ଯ୍ୟ ମତବ୍ୟକ୍ତ କରିଥିଲେ। ବିଶ୍ୱ ବିଖ୍ୟାତ ଜ୍ୟୋତିର୍ବିଦ୍ ପଠାଣି ସାମନ୍ତଙ୍କ ସୁଦୂର ପ୍ରସାରୀ ପ୍ରତିଭା ସମ୍ପର୍କରେ ପ୍ରଫେସର ଆଚାର୍ଯ୍ୟ ଆଲୋକପାତ କରିବା ସହ ରାଷ୍ଟ୍ରଭାଷା ସଂସ୍କୃତର ପ୍ରସାର ନିମନ୍ତେ ଖଣ୍ଡପଡ଼ା ବ୍ଲକ ଅଧୀନ ଗଡ଼ିଆସାହି ପଞ୍ଚାୟତର ନଟବରପୁର ଶାସନ ଗାଁରେ ବେଦ ପାଠଶାଳା ସ୍ଥାପନ ଉପରେ ଗୁରୁତ୍ୱାରୋପ କରିଥିଲେ। ଗଣମାଧ୍ୟମର ପ୍ରତିନିଧିମାନେ ପ୍ରତି କ୍ଷେତ୍ରରେ ତାଙ୍କୁ ସହଯୋଗର ହାତ ବଢ଼ାଇବାକୁ ସେ ନିବେଦନ କରିଥିଲେ। ଶେଷରେ ଜୟକୃଷ୍ଣ ବାରିକ ଧନ୍ୟବାଦ ଦେଇଥିଲେ।

## ମହିଳା ଡାକ୍ତରଙ୍କ ଲାଗି ଦୀପ ଜାଳି ଶ୍ରଦ୍ଧାଞ୍ଜଳି



ଖଣ୍ଡପଡ଼ା,୧୮।୮ (ଅଜୟ କୁମାର ମହାରଣା)

କୋଲକାତାରେ ମହିଳା ଡାକ୍ତରଙ୍କୁ ହତ୍ୟା ଘଟଣାକୁ ନେଇ ସମଗ୍ର ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ବିଭିନ୍ନ ସ୍ୱେଚ୍ଛାସେବୀ ଅବା ଡାକ୍ତରମାନଙ୍କ ମଧ୍ୟରେ ପ୍ରତିବାଦର ସ୍ୱର ଉଠିଛି। ମହିଳା ଡାକ୍ତର ମୋମିତା ଦେବନାଥଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଖଣ୍ଡପଡ଼ା ଯୁବକ ସଂଘର ସଦସ୍ୟ ଓ ମହିଳାମାନେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଅପରପକ୍ଷରେ ଡାକ୍ତରଙ୍କ ମୃତ୍ୟୁ ଘଟଣାକୁ ନେଇ ଖଣ୍ଡପଡ଼ା, ନୂଆଗଡ଼ିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପକେନ୍ଦ୍ରଗୁଡ଼ିକରେ କାର୍ଯ୍ୟରତ ଡାକ୍ତରମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦର ସ୍ୱର ଉଠାଇଥିବା ଜଣାଯାଇଛି।

## ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ଅଭିଯୁକ୍ତ ଗିରଫ

ନୟାଗଡ଼,୧୮।୮(ଲୋକନାଥ ମିଶ୍ର)

ଯୁବତୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ନୟାଗଡ଼ ଟାଉନ ପୋଲିସ ଫତେଗଡ଼ର ଜ୍ଞାନ ରଞ୍ଜନ ପଣ୍ଡା(୨୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଜ୍ଞାନଙ୍କୁ ନୟାଗଡ ସବଜେଲକୁ ଯିବାକୁ ପଡିଛି। ଅଭିଯୋଗ ଅନୁସାରେ ଜ୍ଞାନ ନୟାଗଡ଼ ଅଞ୍ଚଳର ଯୁବତୀଙ୍କୁ ବଳାତ୍କାର କରିବାର ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ନଂ. ୨୮୦/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ପରେ ଜ୍ଞାନଙ୍କୁ ଗିରଫ କରି ଡାକ୍ତରୀ ମାଇନା କରାଇଥିଲା।

## ୬୨୦ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା




ଶିବିରରେ ଯୋଗଦେଇଥିବା ଡାକ୍ତର ଓ ଅନ୍ୟମାନେ।

ଦଶପଲ୍ଲା,୧୮।୮( ପ୍ରକାଶ କୁମାର ପାଣି)

ରବିବାର ଭାରତୀୟ ଯୁବ ଚିକିତ୍ସକ ସଂଘ ଓଡ଼ିଶା ଶାଖା ଓ ସୀତାରାମ ଯୁଥ କ୍ଲବ, ମହାବୀରକ୍ଷେତ୍ର, ଦଶପଲ୍ଲାର ମିଳିତ ଆନୁକୂଲ୍ୟରେ ଦଶପଲ୍ଲା ବ୍ଲକର ଆଦିବାସୀ ଅଧ୍ୟୁଷିତ କଳସାଖମଣ ପଞ୍ଚାୟତର ଉଲି ସାହି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଡା. ଚିନ୍ମୟ କୁମାର ସାହୁ, ସଭାପତି ଭାରତୀୟ ଚିକିତ୍ସକ ସଂଘ ଓଡ଼ିଶା ଶାଖା ଓ ଡା. ଜ୍ୟୋତି ରଞ୍ଜନ, ଆସୋସିଏଟ ପ୍ରଫେସର ଏସ୍‌ସିବି, କଟକଙ୍କ ନେତୃତ୍ୱରେ ଡାକ୍ତରମାନେ ଯୋଗଦାନ କରି ୬୨୦ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣା ଔଷଧ ବଣ୍ଟନ ଓ ୨୭୦ ଜଣ ଲୋକଙ୍କର ଆଖି ପରୀକ୍ଷା କରି ଚଷମା ବଣ୍ଟନ କରାଯାଇଥିଲା। ଏହାକୁ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିବା ସହ ଅତିଥି ଡାକ୍ତରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିବିରରେ ପ୍ରଥମ ଥର ପାଇଁ ଏଭଳି ଏକ ଦୁର୍ଗମ ଅଞ୍ଚଳରେ ନୟାଗଡ଼ ଜିଲା ବ୍ଲଡ଼ ବ୍ୟାଙ୍କ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ୧୭ ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ଦଶପଲ୍ଲାରଠାରୁ ୪୫ କି.ମି. ଦୂର ଆଦିବାସୀ ଅଞ୍ଚଳରେ ୧୫ ଜଣ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଏଭଳି ଏକ ସ୍ୱାସ୍ଥ୍ୟ ସେବା ଶିବିର ଏକ ବିରଳ ଘଟଣା ବୋଲି ଚର୍ଚ୍ଚା ହେବା ସହ ନୂଆଗାଁ, କଳସାଖମଣ ଓ ଚଢ଼େୟାପଲ୍ଲୀ ୩ଟି ପଞ୍ଚାୟତର ଅଧିବାସୀ ଆନନ୍ଦ ପ୍ରକାଶ କରିବା ସହ ଡାକ୍ତରମାନଙ୍କୁ ସାଧୁବାଦ ଜଣାଇ ହରିବୋଲ ହୁଳହୁଳି ମାଧ୍ୟମରେ ଆଶୀର୍ବାଦ କରିଛନ୍ତି। ଏଥିରେ ଦଶପଲ୍ଲା ମଣ୍ଡଳ ଶିକ୍ଷା ଅଧିକାରୀ ଭକ୍ତି ବିନୋଦ ସଲ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଅନ୍ୟ କର୍ମଚାରୀ ବିଶେଷ ସହାୟତା ପ୍ରଦାନ କରିଥିବାରୁ ସୀତାରାମ ଯୁଥ କ୍ଲବର ସଭାପତି ଧନ୍ୟବାଦ ଦେଇଥିଲେ। ଏଥିରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେ ଡା. ଅଜୟ ବାହିନୀପତି ବିଶେଷ ସହାୟତା ପ୍ରଦାନ କରିଥିଲେ। ଉପଦେଷ୍ଟା ତ୍ରିନାଥ ସାହୁ ମଞ୍ଚ ପରିଚାଳନା କରିଥିଲେ, ହାଡିବନ୍ଧୁ ମହାଖୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଣି ବିନା ୯ ପଞ୍ଚାୟତରେ ଜମି ଶୁଖିଲା

ଓଡ଼ଗାଁ,୧୮।୮
( ଆଦର୍ଶ କୁମାର ପଟ୍ଟନାୟକ )



ଆଷାଢ ଯାଇ ଶ୍ରାବଣ ସରିଲା। ବର୍ଷା ଅଭାବରୁ ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକର ୯ ପଞ୍ଚାୟତରେ ଜମି ଶୁଖିଲା ପଡ଼ିଥିବାରୁ ଚାଷକାର୍ଯ୍ୟ ହୋଇପାରୁନାହିଁ। ଧାନତଳି ବୁଢା ହେଲାଣି। ନୂଆ ବିହନ ପକାଇ ତଳି ଉତୁରାଇବା ସମୟ ଆଜି ସରିଗଲା। ବର୍ଷା ପାଇଁ ଗାଁ ଗାଁରେ ଗିରିପୂଜା, ଇନ୍ଦ୍ର ପୂଜା, ଋଷ୍ୟଶୃଙ୍ଗଙ୍କ ପୂଜା, ଜାଗଯଜ୍ଞ ହୋମାଦି କର୍ମ ସରିଲା। ହେଲେ ବ୍ଲକର ଓଡ଼ଗାଁ ସମେତ ରଙ୍ଗଣୀପାଟଣା, ପନ୍ତୀଖାରି, କୋମଣ୍ଡ, କୁରାଳ, ପାଣ୍ଡେରିପଡା, ରୋହିବାଙ୍କ, ସୁନାମୁହିଁ, ଗିରିଡିପଲ୍ଲୀ ଏବଂ ବାଣ୍ଠପୁର ପଞ୍ଚାୟତର କିଛି ଅଂଶ ଏବେବି ଶୁଖିଲା ପଡ଼ିଛି। ଲଘୁଚାପ ଆସୁଛି ଯାଉଛି। ବର୍ଷା ହେଉଛି କିନ୍ତୁ ଭୂଇଁ ଓଦା ହେଉନାହିଁ। ନୟାଗଡ଼ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଟିଭି କହୁଛି। ଚାଷୀ ଆଶା କରି ନିରାଶା ହେବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ। ଦଇବ ଯଦି ଦାଉ ସାଧେ ତେବେ କିଏ ସହାୟ ହେବ। ଯେଉଁ ଦେଶର କୃଷକ ଓ କୃଷି ମେରୁଦଣ୍ଡ ଥିଲା, ଆଜି ସେହି ଦେଶ ସ୍ୱାଧୀନତାର ୭୭ ବର୍ଷ ପୂରଣ କରିଥିବା ବେଳେ ୭୮ ତମ ସ୍ୱାଧୀନତା ଦିବସ ପାଳନ କରୁଛି। ହେଲେ ଏ ପର୍ଯ୍ୟନ୍ତ ବର୍ଷାଜଳର ବିକଳ୍ପ ବ୍ୟବସ୍ଥା ହୋଇପାରି ନ ଥିବାରୁ ଏବେବି ଚାଷୀ ହତାଶା ଭିତର ଦେଇ ଗତି କରୁଛନ୍ତି।

### ହୋମଯଜ୍ଞ, ଗିରିପୂଜା ସତ୍ତ୍ୱେ ବର୍ଷା ନାହିଁ

ଆକଳନରୁ ଜଣାଯାଏ ୨୦୨୩ ଜୁଲାଇରେ ଓଡ଼ଗାଁ ବ୍ଲକରେ ୨୯୦ ମି.ମି. ବର୍ଷା ହୋଇଥିବା ବେଳେ ଚଳିତବର୍ଷ ୧୮୦ ମି.ମି. ବର୍ଷା ହୋଇଛି।ସେହିପରି ଗତବର୍ଷ ଅଗଷ୍ଟ ମାସରେ ୨୪୫ ମି.ମି. ବର୍ଷା ହୋଇଥିବା ବେଳେ ଚଳିତ ମାସ ଅଗଷ୍ଟ ମାସ ୧୭ ତାରିଖ ସୁଦ୍ଧା ୧୭୧ ମି.ମି. ବର୍ଷା ରେକର୍ଡ଼ କରାଯାଇଛି। ହୁଏତ ଆଗକୁ ବର୍ଷା ହୋଇପାରେ, ଦିନ ଅନୁସାରେ ଧାନତଳି ପଡ଼ିବାର ୭୦ରୁ ୯୦ ଦିନ ବିତିଗଲା ପରେ ସେହି ତଳି ଯଦି ରୁଆଯାଏ, ତାର ଗର୍ଭଧାରଣ କ୍ଷମତା ସଙ୍କୁଚିତ ହେବ। ଅମଳର ମାତ୍ରା କମିବ। କିନ୍ତୁ ଧାନ ଅମଳ କରିବା ପାଇଁ ଚାଷୀର ଖର୍ଚ୍ଚ କମିବ ନାହିଁ। ଏପରିସ୍ଥଳେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଅବଧି ଅଗଷ୍ଟ ୧୬ ରୁ ୨୫ ତାରିଖକୁ ବୃଦ୍ଧି କରାଯାଇଛି। ହେଲେ ଚାଷୀ ଦାବି କରୁଛନ୍ତି, ଆମର ଫସଲ ଅମଳ ନିଶ୍ଚିତ କରାଯାଉଛି। ଫସଲ ବୀମା ଦରକାର ନାହିଁ। ଏବେ ବର୍ତ୍ତମାନର ରାଜନେତା, ଲୋକପ୍ରତିନିଧି ଏବଂ ମୁଖ୍ୟ ପ୍ରଶାସକ ଏହି ସମସ୍ୟା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାର ସମୟ ଆସିଛି।

